RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -182 ସଂଖ୍ୟା-୧୮୨
ଭୁବନେଶ୍ୱର, ବୁଧବାର ୦୧ ଅକ୍ଟୋବର ୨୦୨୫
Bhubaneswar, Wednesday 01 October, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର


**ଛୁଟି ଘୋଷଣା**

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଦୈନିକ 'ମନ୍ଥନ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଛି। ଏହାର ପରବର୍ତ୍ତୀ ସଂସ୍କରଣ ୫ ତାରିଖରେ ପ୍ରକାଶ ପାଇବ।

- ପରିଚାଳକ

**ଶୁଭେଚ୍ଛା**

ଶାରଦୀୟ ଦୁର୍ଗାପୂଜା ଅବସରରେ 'ମନ୍ଥନ' ତାର ସମସ୍ତ ପାଠକପାଠିକା/ ବିଜ୍ଞାପନଦାତା ଓ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଉଛି।

- ପରିଚାଳକ




**ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ବିଜୟ ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ। ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/1202/2526

DADLS-53



**ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ। ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ। ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ଶାରଦୀୟ ଅଭିନନ୍ଦନ**

ଶ୍ରୀ ଶ୍ରୀ ମା' ଦୁର୍ଗତିନାଶିନୀ ମହିଁସାମର୍ଦ୍ଦିନୀ ଦଶଭୁଜା ମା'ଦୁର୍ଗାଙ୍କ ଶାରଦୀୟପୂଜା ଓ ଦଶହରା ପର୍ବ ଅବସରରେ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀର ଅଗଣିତ ଜନସାଧାରଣଙ୍କୁ ମୋର ଶାରଦୀୟ ଅଭିନନ୍ଦନ। ଦର୍ପଦଳିନୀ ସମ୍ଭୁତସୁତା ମା' ଦୁର୍ଗାଙ୍କ ଆଶିର୍ବାଦରୁ ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରି ଶୁଭେଚ୍ଛା ଜଣାଉଛି।

**ଆପଣଙ୍କର ସୁଖ ଦୁଃଖର ସାଥୀ**

**ଶ୍ରୀମନ୍ତ କୁମାର ତ୍ରିପାଠୀ**

ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ




# ଓଡ଼ିଶା ଉପକୂଳ ଦେଇ ଯିବ ଲଘୁଚାପ

**ଭୁବନେଶ୍ୱର,୩୦।୯(ନି.ପ୍ର):** ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ବୁଧବାର ଅର୍ଥାତ୍ ଅକ୍ଟୋବର ୧ ବେଳକୁ ଉତ୍ତର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୩ ତାରିଖରେ ବେଳକୁ ଏହା ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ର ଉପକୂଳ ଅତିକ୍ରମ କରିବ। ତେଣୁ ନବମୀ ଓ ଦଶମୀ ବର୍ଷାରେ ଭିଜିବ ବୋଲି ସୂଚନା ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ୫ଟା ୩୦ ମିନିଟ୍ ପରେ ଏହି ଲଘୁଚାପ ସୃଷ୍ଟି ହୋଇଛି, ଯାହା ଉତ୍ତରପଶ୍ଚିମ ଦିଗରେ ଗତି କରି ୨ ଅକ୍ଟୋବର ସକାଳ ବେଳେ ଅବପାତରେ ପରିବର୍ତ୍ତନ ହେବ।ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ଏବଂ ଉତ୍ତର ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି



କରାଯାଇଛି।ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଆଦି ଅନ୍ୟ ସମସ୍ତ ଜିଲାରେ ବିଜୁଳି ଘଡ଼ଘଡ଼ି ଓ ପବନ ସହିତ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରାୟ ୪ ତାରିଖ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ ବୋଲି ଆକଳନ କରାଯାଇଛି। ଏହି ଲଘୁଚାପ ପ୍ରଭାବରେ ୩ ତାରିଖ ସକାଳେ ଦକ୍ଷିଣ ଓଡ଼ିଶାର ପୁରୀ, ଗଞ୍ଜାମ୍, ଖୋର୍ଦ୍ଧା, ନୟାଗଡ, କେନ୍ଦୁଝର, ଅନୁଗୁଳ ଓ ଢେଙ୍କାନାଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭-୧୧ ସେ.ମି. ଅଧିକ) ହେବାର ଆଶଙ୍କା ରହିଛି। ଏହା ଉତ୍ତର ଆନ୍ଧ୍ରର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, ଜଗତସିଂହପୁର୍ ଓ କଟକ୍ ଜିଲ୍ଲାକୁ ମଧ୍ୟ ପ୍ରଭାବିତ କରିପାରେ। ଆଇଏମ୍‌ଡିର ବିଭାଗୀୟ ପ୍ରତିନିଧି ମନୋରମା ମହାନ୍ତି କହିଛନ୍ତି, ଏହି ଲଘୁଚାପ ପାର୍ବଣ ଉତ୍ସବକୁ ବାଧା ପହଞ୍ଚାଇପାରେ ଓଡ଼ିଶାରେ ୧ ଅକ୍ଟୋବରରୁ ଶୁକ୍ରବାର-ଶନିବାର ସୁଦ୍ଧା ପ୍ରବଳବର୍ଷା ଓ ଘଡଘଡି ନେଇ ଅଲର୍ଟ୍ ଜାରି କରାଯାଇଛି। ଏହା ପୂର୍ବରୁ ୨୭ ସେପ୍ଟେମ୍ବରରେ ମଧ୍ୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି, ଯାହା ପ୍ରଭାବରେ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ଲାଗି ରହିଛି।






**ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/1198/2526

DADLS-52





**ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ। ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବୁଧବାର·୦୧ ଅକ୍ଟୋବର ୨୦୨୫, ଭୁବନେଶ୍ୱର
WEDNESDAY 01 OCTOBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ଅଭୟା ମା' ଦୁର୍ଗା

ନବରାତ୍ର ଶବ୍ଦରୁ ସ୍ୱତନ୍ତ୍ର ନଅ ରାତିର ଭାବନା ମନକୁ ଆସେ । ଏ ସମୟରେ ଶକ୍ତିଙ୍କୁ ନ'ରୂପରେ ଉପାସନା କରାଯାଏ । ରାତ୍ରି ଶବ୍ଦ ସିଦ୍ଧିର ପ୍ରତୀକ । ଭାରତରେ ପ୍ରାଚୀନ ମୁନିଋଷିମାନେ ପର୍ବ ଓ ଉପାସନାରେ ଦିନ ଅପେକ୍ଷା ରାତିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସେଥିପାଇଁ ଦୀପାବଳୀ, ହୋଲି, ଶିବରାତ୍ରୀ ଓ ନବରାତ୍ରୀ ପରି ଉତ୍ସବ ରାତିରେ ହିଁ ପାଳିତ ହୁଏ । ରାତିର ବିଶେଷ ମହତ୍ତ୍ୱ ନଥିଲେ ଏସବୁ ଉତ୍ସବ ଦିନରେ ହିଁ ପାଳିତ ହେଉଥାନ୍ତା । ମନୀଷୀମାନେ ବର୍ଷରେ ଦୁଇଥର ନବରାତ୍ରୀ ପାଳନର ବିଧାନ ରଖିଛନ୍ତି । ବିକ୍ରମ ସମ୍ବତ୍ସରର ପ୍ରଥମ ଦିନ ଅର୍ଥାତ୍ ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦ ଠାରୁ ନଅଦିନ ଅର୍ଥାତ୍ ନବମୀ ପର୍ଯ୍ୟନ୍ତ ଏବଂ ଏହାର ଠିକ୍ ଛଅମାସ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାରୁ ମହାନବମୀ ଅର୍ଥାତ୍ ବିଜୟାଦଶମୀର ଏକଦିନ ପୂର୍ବ ପର୍ଯ୍ୟନ୍ତ । ତେବେ ସିଦ୍ଧି ଓ ସାଧନା ଦୃଷ୍ଟିରୁ ଶାରଦୀୟ ନବରାତ୍ର ଅଧିକ ମହତ୍ତ୍ୱପୂର୍ଣ୍ଣ । ଏହି ନବରାତ୍ରରେ ଲୋକମାନେ ନିଜ ନିଜର ଆଧ୍ୟାତ୍ମିକ ଓ ମାନସିକ ଶକ୍ତି ସଞ୍ଚୟ କରିବା ପାଇଁ ବିଭିନ୍ନ ପ୍ରକାର ବ୍ରତ, ନିୟମ, ସଂଯମ, ଯଜ୍ଞ, ଭଜନ, ପୂଜନ, ଯୋଗ ସାଧନା ଆଦି କରନ୍ତି । କିଛି ସାଧକ ଏହି ରାତ୍ରିର ପଦ୍ମାସନ ବା ସିଦ୍ଧାସନରେ ବସି ବୀଜମନ୍ତ୍ର ଜପ କରନ୍ତି । ଭାରତର ୫୧ଟି ବଡ଼ଶକ୍ତିପୀଠରେ ଖୁବ୍ ବିଧିବିଧାନ ଏବଂ ଉତ୍ସାହର ସହ ନବରାତ୍ର ପୂଜା କରାଯାଏ । ଯେଉଁମାନେ ଏସବୁ ପୀଠକୁ ଯାଇପାରନ୍ତି ନାହିଁ ସେମାନେ ନିଜ ଘରେ ଶକ୍ତିଙ୍କୁ ଉପାସନା କରନ୍ତି ।

ମା'ଦୁର୍ଗା ଅନେକ ନାମରେ ପରିଚିତା । ତାଙ୍କର ପ୍ରତି ଗୁଣ ଓ ବୈଶିଷ୍ଟ୍ୟର ଏକ ଏକ ନାମ ହୋଇଛି । ଯଥା ନାରାୟଣୀ, ଭଦ୍ରକାଳୀ, ହୈମବତୀ, ଈଶ୍ୱରୀ, ବୈଷ୍ଣବୀ ଓ ମାହେଶ୍ୱରୀ ପ୍ରଭୃତି । ତାଙ୍କର ବୀଜମନ୍ତ୍ର ହ୍ରିଂ, ମାନେ ଲଜ୍ଜା । ସେ ଭଗବତୀ ଦୁର୍ଗା । ଭଗ ଅର୍ଥ ଐଶ୍ୱର୍ଯ୍ୟ । ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟର ଏହି ଛଅଟି ଐଶ୍ୱର୍ଯ୍ୟର ନାମ ଭଗ । ଏହା ପୂର୍ଣ୍ଣମାତ୍ରାରେ ବିରାଜିତ ମା'ଭଗବତୀଙ୍କ ପାଖରେ । ମହାମାୟା ମାନେ ମହାପରିମାପନକର୍ତ୍ତ୍ରୀ । ବିଶ୍ୱର ପ୍ରତିଟି ବସ୍ତୁକୁ ସେ ପରିମାପିତ କରି ସୃଷ୍ଟି କରିଛନ୍ତି । ପୁରୁଷୋତ୍ତମ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଉଲ୍ଲେଖ କଲେ - ଏହି ଯେଉଁ ମାୟା ଦେଖୁଛ, ମାୟାର ଯେଉଁ ଖେଳା ଦେଖୁଛ, ଏହି ମାୟାର ଅଧୀଶ କିନ୍ତୁ ମୁଁ । କୃଷ୍ଣ (ଈଶ୍ୱର) ସ୍ୱୀୟ ମାୟା ଶକ୍ତି ଦ୍ୱାରା ଜଗତ ପରିମାପିତ କରନ୍ତି । ମାୟା ମଧ୍ୟ ପ୍ରକୃତି । ଏହି ପ୍ରକୃତି ହେଉଛନ୍ତି ମା'ଦୁର୍ଗା ।

ଭଗବତ୍ ଗୀତାର ଷୋଡଶ ଅଧ୍ୟାୟରେ ଭଗବାନ କୃଷ୍ଣ ଅସୁର ବ୍ୟକ୍ତିଙ୍କର ଚରିତ୍ର ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି - ସେମାନଙ୍କ ପାଖରେ ଥାଏ ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ନିଷ୍ଠୁରତା, ଅଜ୍ଞାନତା ଓ ଶୁଚିତା ଏବଂ ସତ୍ୟନିଷ୍ଠାର ଅଭାବ । ସେମାନେ ବର୍ତ୍ତମାନର ସୁଖଭୋଗ ନେଇ ବ୍ୟସ୍ତ ରହନ୍ତି । ଅର୍ଥ ସଞ୍ଚୟ କରି କାମନା, ବାସନାର ଅଗ୍ନିରେ ସଦା ଜର୍ଜରିତ ହୁଅନ୍ତି । ସେମାନେ ବିଭ୍ରାନ୍ତ ଚିତ୍ତ, ମୋହାଚ୍ଛନ୍ନ ଓ ଐଶ୍ୱୀ ପୁରୁଷରେ ବିଦ୍ୱେଷ ପରାୟଣ । ଏହି ପ୍ରକାର ଅସୁର ଭାବସମ୍ପନ୍ନ ମନୁଷ୍ୟ ସମାଜକୁ ମା'ନିୟନ୍ତ୍ରିତ କରନ୍ତି । ସତ୍ତା ବିରୋଧି ଚଳନ ଗତିକୁ ନିରୁଦ୍ଧ କରନ୍ତି । ସେଥିପାଇଁ ମା'ଙ୍କୁ ଅସତ୍‌ଦଳନୀ ଓ ଅସୁର ନାଶିନୀ କୁହାଯାଏ । ମହିଷାସୁର ବଧ କରିଥିଲେ ବୋଲି ମା'ଙ୍କର ଅନ୍ୟ ଏକ ନାମ ମହିଷମର୍ଦ୍ଦିନୀ । ସେଥିପାଇଁ ମା' ହେଉଛନ୍ତି ଅଭୟା ।

# ଓଡ଼ିଶାରେ ମାତୃଶକ୍ତି ଓ ଦୁର୍ଗାପୂଜା ପରମ୍ପରା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃତ୍ତିର ବିନାଶ ହୋଇଥାଏ । ଉପନିଶଦ ମାନଙ୍କରେ ତୈତ୍ତରୀୟ ଆରଣ୍ୟକର ଯାନ୍ତ୍ରିକ ଉପନିଶଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇଛି । ମହେଞ୍ଜୋଦାରୋ ଓ ହରପ୍ପାର ପ୍ରତ୍ନତାତ୍ତ୍ୱିକ ଖନନରୁ ମାତୃଶକ୍ତି ଉପାସନା ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳିଛି । ବହୁ ପ୍ରସ୍ତର ନିର୍ମିତ ନାରୀମୂର୍ତ୍ତି, ଦେବୀ ମୂର୍ତ୍ତି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ସେହି ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ପ୍ରାଚୀନ ଓଡ଼ିଶାର ମୁଖ୍ୟତଃ କଳିଙ୍ଗ, ଉତ୍କଳ ଓ ଉଡ୍ରଦେଶ ପରି ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ ଶବରିତନ୍ତ୍ର ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଏହି ଉଡ୍ରଦେଶରେ ଏହି ପ୍ରାଚୀନ ଶବରୀତନ୍ତ୍ର ମତରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ ଓ ଶବରୀ କନ୍ୟା ଲଳିତା ଥିଲେ ତାଙ୍କ ସହାୟିକା । ଶବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ପ୍ରାଚୀନ ଉତ୍କଳରେ ଉପାସନା କରାଯାଉଥିଲା ପରବର୍ତ୍ତୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ ବନଦୁର୍ଗାରୂପେ ଉପାସନା କରାଯାଇଥିଲା । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି । ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା । ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ । ଘରର ମା' ଓ ଜଗତର ମା'ଙ୍କର ଏକ ରୂପ । ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି । ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି । ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ । ଶ୍ରୀ ଶ୍ରୀ ଠାକୁର କହିଲେ - ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ । ଶ୍ରୀ ଶ୍ରୀ ଠାକୁର କହିଲେ - ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା । ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା । ଶ୍ରୀ ଶ୍ରୀ ଠାକୁର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି - ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗା । ମା'ସିଂହବାହିନୀ । ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା । ଦୁର୍ଗାପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା'ଦୁର୍ଗାଙ୍କର ଅନ୍ୟ ଏକ ନାମ ଶାରଦା । କିନ୍ତୁ ଶ୍ରୀ ଶ୍ରୀ ଠାକୁର କହିଲେ - ଶାରଦା ବା ଶରତ ଆସିଛି ଶୃ ଧାତୁ ଠାରୁ - ଅର୍ଥ ବଧ ଓ ହିଂସା । ହିଂସାତ୍ମକ ଯାହା କିଛିକୁ ନିହତ କରି ମା'ରକ୍ଷାକୁ ସମୃଦ୍ଧକରି ତୋଳନ୍ତି । ସେ ଅସତ୍ ନିରୋଧି ପ୍ରଚଣ୍ଡା । ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା ।

# ମା'ଙ୍କୁ ଅର୍ପଣ କରନ୍ତୁ ମନ୍ଦାର

**ଅଜୟ କୁମାର ବେହେରା ■**

ଓଁ ଧ୍ୟାୟତେ ସୁବର୍ଣ୍ଣ ବର୍ଣ୍ଣାଭାଂ, ତ୍ରିନେତ୍ରାଂ ଚାରୁ ହାସିନୀ । ସର୍ବଲକ୍ଷଣ ସମ୍ପନ୍ନା, ମର୍ଦ୍ଧେନ୍ଦୁକୃତ ଶେଖରମ୍ ।' ଓଡ଼ିଶାର ପରମ୍ପରାରେ କେଉଁ ଅନାଦିକାଳରୁ ଏହି ଶାକ୍ତ ଚିନ୍ତା ଓ ଚେତନା ଜନଜୀବନକୁ ସିକ୍ତ କରି ରଖିଛି, ତା'ର ସଠିକ ବିବରଣୀ ଖୋଜି ପାଇବା ସହଜସାଧ୍ୟ ନୁହେଁ । ଏହି ଶକ୍ତିର ଅର୍ଥ କ'ଣ ? ଦୁର୍ଗା ସପ୍ତସତୀରେ ଦେବୀ ଦୁର୍ଗାଙ୍କର ସ୍ତୁତି ଛଳରେ କୁହାଯାଇଛି - 'ଯାଦେବୀ ସର୍ବ ଭୂତେଷୁ, ଶକ୍ତି ରୂପେଣ ସଂସ୍ଥିତା, ନମଃ ସ୍ତସ୍ୟୈ ନମଃ ସ୍ତସ୍ୟୈ ନମଃ ସ୍ତସ୍ୟୈ ନମୋ ନମଃ ।' ଅର୍ଥାତ୍ ଯେଉଁ ଦେବୀ ସର୍ବଭୂତରେ, ଶକ୍ତି ରୂପରେ ବିଦ୍ୟମାନ ଅଛନ୍ତି, ସେହି ଦେବୀଙ୍କୁ ମୋର ନମସ୍କାର । ତତ୍ତ୍ୱ ପ୍ରକାଶ ଗ୍ରନ୍ଥରେ ଶକ୍ତି ଶବ୍ଦର ଅର୍ଥ କୁହାଯାଇଛି 'ଶକ୍ତିଃ ସାମର୍ଥ୍ୟଂ ଉତ୍ସାହେବା ।'

ଅର୍ଥାତ୍ ଶକ୍ତି ହେଉଛି ସାମର୍ଥ୍ୟ ବା ଉତ୍ସାହ । ଶକ୍ତି ଶବ୍ଦର ତାତ୍ପର୍ଯ୍ୟକୁ 'ନାଗୋଜୀ ଭଟ୍ଟ' ଟିକିଏ ବ୍ୟାପକ କରି କହିଛନ୍ତି - 'ଶକ୍ତି କାର୍ଯ୍ୟ ଜନନ ସାମର୍ଥ୍ୟମ୍ ।' ଯେକୌଣସି ବସ୍ତୁର କାର୍ଯ୍ୟ ଜନନ ବା ଉତ୍ପାଦନ କରିବାର ସାମର୍ଥ୍ୟକୁ ଶକ୍ତି କୁହାଯାଏ । ଏହି ଶକ୍ତି ସର୍ବଭୂତରେ ଅଛି । ଏହା ଜଡ଼ ହୋଇପାରେ ଅଥବା ଚେତନା ହୋଇପାରେ, ସତ୍ ହୋଇପାରେ, ଅସତ୍ ବି ହୋଇପାରେ । ତେଣୁ ଚଣ୍ଡୀ ମାହାତ୍ମ୍ୟରେ କୁହାଯାଇଛି - 'ଯଚ୍ଚ କିଞ୍ଚିତ୍ କ୍ୱଚିତ୍ ବସ୍ତୁ, ସତ୍ ସଦ ବାଂଖିଳାତ୍ମିକେ, ତସ୍ୟ ସର୍ବସ୍ୟ ଯା ଶକ୍ତିଃ ସାତ୍ୱଂ କିଂ ସ୍ୱୟସେ ନୋ ।' ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ । ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ ବାସନ୍ତୀ ପୂଜା କୁହାଯାଏ । ଯେଉଁ ମା'ର ଶସ୍ୟ ଆହାର କରି ମାନବ ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତି ଉତଫୁଲ୍ଲ ହୋଇ ଜନ ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀ ପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି ।

ଏହି ମହାନ ଶାରଦୀୟ ପର୍ବ ଭାରତର ପୁର ପଲ୍ଲୀରେ ଦଶହରା ପର୍ବ ରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଦୁର୍ଗାପୂଜା ପରି ଦଶହରା ପର୍ବ ମଧ୍ୟ ବର୍ଷକରେ ଦୁଇଥର ପାଳନ କରାଯାଏ । ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମ ଦିବସ । ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ ।

'ସର୍ବସ୍ୱରୂପେ ସର୍ବେଶେ ସର୍ବଶକ୍ତିସମନ୍ୱିତେ । ଭୟେଭ୍ୟସ୍ତାହି ନୋ ଦେବୀ ଦୁର୍ଗେ ଦେବୀ ନମୋସ୍ତୁତେ ।।' ହେ ଦେବୀ ! ଆପଣ ସମସ୍ତ ସ୍ୱରୂପ ଧାରଣ କରିପାରନ୍ତି, ଆପଣ ସମସ୍ତଙ୍କର ସ୍ୱାମିନୀ ଏବଂ ସମସ୍ତ ଶକ୍ତିର ସମାହାର । ଆପଣ ଆମ ସମସ୍ତଙ୍କୁ ସମସ୍ତ ଭୟରୁ ରକ୍ଷା କରନ୍ତୁ । ହେ ଦେବୀ ଦୁର୍ଗେ, ଆପଣଙ୍କୁ ନମସ୍କାର । ଦୁର୍ଗାଙ୍କର ସବୁଠୁ ପ୍ରିୟ ପୁଷ୍ପ ଲାଲ ମନ୍ଦାର । ଯଦି ପୂର୍ବ ଦିନଗୁଡ଼ିକରେ କରିନାହାନ୍ତି ତେବେ ନବରାତ୍ରୀର ଶେଷ ତଥା ବିଶେଷ ତିନିଦିନ ମହାସପ୍ତମୀ, ମହାଷ୍ଟମୀ ଏବଂ ମହାନବମୀରେ ନିଶ୍ଚୟ ମା'ଙ୍କ ଠାରେ ଲାଲ ମନ୍ଦାର ଚଢ଼ାନ୍ତୁ । ମା'ଙ୍କୁ ଶ୍ରଦ୍ଧା ପୂର୍ବକ ଲାଲ ମନ୍ଦାର ଅର୍ପଣ କଲେ ମା'ଙ୍କ କୃପା ଅବଶ୍ୟ ପ୍ରାପ୍ତ ହୁଏ । ଏହା ଜୀବନରୁ ସମସ୍ତ ନକରାତ୍ମକତା ଦୂର କରିବାରେ ସହାୟକ ହୋଇଥାଏ । ପ୍ରତିଦିନ ମନ୍ଦାର ଫୁଲ ଅର୍ପଣ କରିବା ସମୟରେ ନିଜର ମନୋକାମନା ମା'ଙ୍କୁ ଜଣାନ୍ତୁ । ପରଦିନ ମଉଳା ଫୁଲକୁ ଏଣେତେଣେ ଫୋପାଡ଼ି ନ ଦେଇ ସାଇତି ରଖନ୍ତୁ । ଦଶହରା ଦିନ ଘଟ ବିସର୍ଜନ ପରେ ମଉଳା ମନ୍ଦାର ଫୁଲକୁ ନଦୀ ସ୍ରୋତରେ ଭସାଇ ଦିଅନ୍ତୁ । ଏପରି କରି ଦେଖନ୍ତୁ ନିଶ୍ଚୟ ମନୋକାମନା ପୂରଣ ହେବ ।

ନବରାତ୍ରୀର ଶେଷ ତିନିଦିନ ମଧ୍ୟରେ ଦ୍ୱିପ୍ରହର ସମୟରେ ଏକ ଅଧାଫୁଟା ଲାଲ ମନ୍ଦାର ଫୁଲ ତୋଳି ଆଣନ୍ତୁ । ମା'ଙ୍କର ଅନ୍ୟତମ ଶକ୍ତିଶାଳୀ ସ୍ୱରୂପ କାଳୀଙ୍କୁ ସ୍ମରଣ କରି ଏହି ଫୁଲ ଅର୍ପଣ କରନ୍ତୁ । ପରିବାରରେ କେହି ଯଦି ଭୟ, ଭ୍ରାନ୍ତି ଇତ୍ୟାଦିଦ୍ୱାରା ପୀଡ଼ିତ ତାଙ୍କୁ ଫୁଲଟିକୁ ଖାଇବାକୁ ଦିଅନ୍ତୁ । ତାଙ୍କ ମଧ୍ୟରୁ ନକାରାତ୍ମକତା ଦୂର ହୋଇ ସକାରତ୍ମକ ଶକ୍ତି ସଂଚାରିତ ହେବ । ତେବେ ଏହା କରିବାକୁ ଅନିଚ୍ଛୁକ ସଦସ୍ୟଙ୍କ ଠାରେ ଜୋରଜବରଦସ୍ତ କରିବେ ନାହିଁ । କାରଣ ଶ୍ରଦ୍ଧା ବିଶ୍ୱାସ ବିନା କୌଣସି ପୂଜା ସିଦ୍ଧ ହୁଏନାହିଁ । ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି । ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ । ପରମ-ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ମାଆ ଶାରଳା ଓ ନବରାତ୍ରୀ ପୂଜା

**ଡକ୍ଟର ତପନ କୁମାର ପାଳ**

ଓଡ଼ିଶାର ପ୍ରାଚୀନ ଶକ୍ତିପୀଠ ମଧ୍ୟରେ ଝଙ୍କଡ଼ର ଶାରଳା ଅନ୍ୟତମ । ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ମା' ଠାକୁରାଣୀଙ୍କର ଏହି ଶାରଦୀୟ ପାର୍ବଣ ପୂଜା ଅନନ୍ୟ ଓ ଅସାଧାରଣ । ସପ୍ତସତୀ ଚଣ୍ଡୀରେ ଯେଉଁ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀଙ୍କର ବର୍ଣ୍ଣନା କରାଯାଇଛି, ଏହି ତ୍ରିଶକ୍ତିର ଏକ ଅପୂର୍ବ ସମାହାର ଓ ସମନ୍ୱୟ ହେଉଛନ୍ତି ଝଙ୍କଡ଼ର ଅଧିଷ୍ଠାତ୍ରୀ ମା' ଶାରଳା ଠାକୁରାଣୀ । ମାଆ ଶାରଳାଙ୍କ ପୂଜା ଉପାସନାରେ ଏକ ସମୟରେ ତୁଳସୀ ଓ ବେଲପତ୍ର ଲାଗିଥାଏ । ମାଆ ଏକାଧାରରେ ପରମ ବୈଷ୍ଣବୀ ଓ ନିତ୍ୟ ଚଣ୍ଡୀ ଅଟନ୍ତି ।

ମା' ଶାରଳାଙ୍କ ସହିତ ଶୈବ ଧର୍ମ ଓ ବୈଷ୍ଣବ ଧର୍ମର ସଂପୃକ୍ତି ବହୁ କାଳରୁ ରହିଆସିଛି । ମା'ଶାରଳାଙ୍କର ପ୍ରତ୍ୟହ ମାର୍ଜନା ପରେ ସର୍ବ ପ୍ରଥମେ ମାଆଙ୍କୁ ଶୁଖିଲା ମହାପ୍ରସାଦ ଭୋଗ ଅର୍ପଣ କରାଯାଇଥାଏ । ପ୍ରତ୍ୟେକ କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସନ୍ଧ୍ୟାରେ ମାଆଙ୍କୁ ଶ୍ରୀଜଗନ୍ନାଥଙ୍କ ବେଶରେ ସଜ୍ଜିତ କରାଯାଇଥାଏ । ଏଠାରେ ଚନ୍ଦନଯାତ୍ରା, ଦୋଳଯାତ୍ରା, ଝୁଲଣ ଯାତ୍ରା, ମହାବିଷୁବ ସଂକ୍ରାନ୍ତି ଓ ପାର୍ବଣ ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ପ୍ରାଚୀନ କାଳରୁ ମାଆ ଶାରଳାଙ୍କୁ ତନ୍ତ୍ର ସାଧନାର ଆରାଧ୍ୟ ଦେବୀ ଭାବରେ ଗ୍ରହଣ କରାଯାଇଛି । ଝଙ୍କଡ଼ର ଅଧିଷ୍ଠାତ୍ରୀ ମାଆ ଶାରଳା ଠାକୁରାଣୀଙ୍କୁ ଓଡ଼ିଆ ଭାଷା-ସାହିତ୍ୟ-ସଂସ୍କୃତି ଓ କଳାର ଅଧିଷ୍ଠାତ୍ରୀ ଦେବୀ ଭାବେ ଗ୍ରହଣ କରାଯାଏ । ଏହି ମାଟିରେ ଜନ୍ମ ଗ୍ରହଣ କରି ପଞ୍ଚଦଶ ଶତାବ୍ଦୀର ମୂର୍ଖ ସିଦ୍ଧେଶ୍ୱର ପରିଡ଼ା ଦେବୀ ଶାରଳାଙ୍କ ଅପାର କରୁଣା ଲାଭ କରି ଓଡ଼ିଆ ଜାତିର ଜୀବନ୍ତ ଇତିହାସ ମହାଭାରତ ରଚନା କରିଥିଲେ । ସେ ଶୁଦ୍ରମୁନି ସାରଳା ଦାସ ଭାବେ ଖ୍ୟାତ ।

ଓଡ଼ିଶାର ପ୍ରସିଦ୍ଧ ତଥା ପ୍ରାଚୀନ ଶକ୍ତିପୀଠ ଝଙ୍କଡ଼ ସାରଳା ପୀଠରେ ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଥାଏ । ଯାହା ମହାଷ୍ଟମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ପରମ୍ପରା ମୁତାବକ ପ୍ରତିଦିନ ପ୍ରାତଃ ସମୟରେ ମଙ୍ଗଳ ଆଳତି, ମଧୁସ୍ନାନ, ଦଶଦିଗପାଳ ପୂଜା, ପାର୍ଶ୍ୱ ଦେବାଦେବୀ ପୂଜା, ପଞ୍ଚାମୃତ ମାର୍ଜନା ପରେ ଅପୂର୍ବ ମନୋରମ ବେଶରେ ମାଆଙ୍କୁ ସଜ୍ଜିତ କରାଯାଇଥାଏ । ଦୈନିକ ପାଞ୍ଜିପାଠ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ପ୍ରଥମ ପ୍ରହର ଧୂପ, ବଡ଼ସିଂହାର, ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିବା ବେଳେ, ସନ୍ଧ୍ୟାଆରତୀ ବେଶ ଦର୍ଶନ ପରେ ନାଟ ମଣ୍ଡପରେ ପୁରାଣ ପଣ୍ଡାଙ୍କ ଦ୍ୱାରା ଶୁଦ୍ରମୁନି ଆଦିକବି ସାରଳା ଦାସଙ୍କ ବିରଚିତ ଚଣ୍ଡୀ ପୁରାଣ ପାଠ କରାଯାଏ । ପ୍ରତ୍ୟହ ରାତି ୧୦ଟାରେ ସମ୍ପୂର୍ଣ୍ଣ ସୁନାବେଶ ଦର୍ଶନ ଆଦି ନୀତିକାନ୍ତି, ରୀତିନୀତିରେ ସମାହିତ ହୋଇଥାଏ । ଆବହମାନ ପରମ୍ପରା ଓ ନୀତିକାନ୍ତି ଅନୁଯାୟୀ ନବରାତ୍ର ଉପଲକ୍ଷେ ମା'ଙ୍କର ଚଳନ୍ତି ପ୍ରତିନିଧି ବିଜେ ପ୍ରତିମାଙ୍କୁ ଏକ ସୁସଜ୍ଜିତ ମଣିମୟ ବିମାନ ଆରୋହଣ କରାଯାଇ ନଗର ପରିକ୍ରମା ବା ଦାଣ୍ଡଯାତ୍ରାରେ ବିଜେ କରାଯାଏ ।

ପ୍ରଥମ ଦିନ ପାଚେରିକଣ ବାଟ, ଦ୍ୱିତୀୟ ଦିନ ଗୋବିନ୍ଦଜିଉଙ୍କ ମଠ, ତୃତୀୟ ଦିନ ଗୋପାଳମାନଙ୍କ ଗୋଠ, ଚତୁର୍ଥ ଦିନ ସାରଳା ପର୍ଶୁରାମ ଭେଟ, ପଞ୍ଚମ ଦିନ ଗୁପ୍ତ ଚନ୍ଦ୍ରଭାଗା ନଦୀର ବିଶ୍ୱମ୍ଭର ଘାଟ ଓ ଷଷ୍ଠ ଦିବସରୁ ଦଶହରା ପର୍ଯ୍ୟନ୍ତବଡ଼ଶାରୋଳ ଗ୍ରାମର ଲଣ୍ଡାଦେଉଳସ୍ଥିତ ପ୍ରାଚୀନ ପୀଠସ୍ଥଳୀକୁ ଯାତ୍ରା କରି ପୁନଶ୍ଚ ସ୍ୱୀପଠକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । ପରେ ଅର୍ଥାତ୍ ଷଷ୍ଠୀ, ସପ୍ତମୀ ଓ ମହାଷ୍ଟମୀ ଦିନ ସଂଧ୍ୟାରେ ଅପୂର୍ବ ମହିଷାମର୍ଦ୍ଦିନୀ ବେଶରେ ମା'ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥାନ୍ତି ଓ ରାତିରେ କାଳିକା ନୃତ୍ୟ ପରିବେଷଣ କରାଯାଏ । ମହାଷ୍ଟମୀ ଦିନ ମା' ପ୍ରାଚୀନ ପୀଠ ଲଣ୍ଡାଦେଉଳରୁ ଫେରିବା ପରେ ମନ୍ଦିର ସୌଧ କରାଯାଇ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯିବା ପରେ ସନ୍ଧିପୂଜା ହୁଏ । ପୂର୍ବରୁ ଏହି ପୂଜାରେ ମଇଁଷି ବଳି ଦିଆଯାଉଥିଲା । ମାତ୍ର ୧୯୪୬ ମସିହାରେ ବଳିପ୍ରଥାର ଉଚ୍ଛେଦ ଘଟିଛି । ତେବେ ଏହି ବଳି ପରିବର୍ତ୍ତେ ସନ୍ଧିପୂଜାରେ ୧୦୮ ପ୍ରକାର ଭୋଗ ସହିତ ଏକ ବଳିପଣା ହାଣ୍ଡି ମା'ଙ୍କୁ ଅର୍ପଣ କରାଯାଇଥାଏ । ଏହି ପାର୍ବଣ ପୂଜାରେ ମଣ୍ଡାଭୋଗ ଏକ ସ୍ୱତନ୍ତ୍ର ନୀତି କରାଯାଇଥିବାବେଳେ ଭକ୍ତମାନେ ନୂଆଧାନରୁ ଚୁଡ଼ାଘଷା ଭୋଗ ପ୍ରସ୍ତୁତ କରି ମା'ଙ୍କୁ ଭୋଗ ଲାଗି କରିଥାନ୍ତି । ମନ୍ଦିରର ମୁଖ୍ୟଦ୍ୱାର ଓ ଯଜ୍ଞଶାଳାରେ ବସିଥିବା ସମାର୍ଜନୀ କଳସକୁ ଚନ୍ଦନ ପୁଷ୍କରିଣୀରେ ବିସର୍ଜନ କରିବା ପରେ ହିଁ ଏହି ଶାରଦୀୟ ପୂଜାର ପରିସମାପ୍ତି ହୋଇଥାଏ ।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ଓଡ଼ିଶାରେ ଶକ୍ତିପୀଠ

**ବିପିନ ବିହାରୀ ମହାନ୍ତି ■**

ପୁରାଣ ଓ ତନ୍ତ୍ର ଶାସ୍ତ୍ରମତେ ଦକ୍ଷ ଯଜ୍ଞରେ ମା' ସତୀ ନିଜକୁ ବିସର୍ଜନ କଲା ପରେ ତାଙ୍କ ଦେହାବଶେଷକୁ କାନ୍ଧରେ ଧରି ଶିବ ଦୁଃଖରେ ତାଣ୍ଡବ ନୃତ୍ୟ ଆରମ୍ଭ କରି ସମଗ୍ର ବ୍ରହ୍ମାଣ୍ଡ ବୁଲିଲେ । ଏଥିରେ ଭୟଭୀତ ହୋଇ ପୃଥିବୀରେ ଅନ୍ତେବାସୀ ଥରହର ହେଲେ । ଏକଥା ବିଷ୍ଣୁ ଜାଣିପାରି ତାଙ୍କ ସୁଦର୍ଶନ ଚକ୍ର ପଠାଇ ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ । ଏ ଦେହାଂଶ ଯେଉଁଠି ପଡିଲା ତାହା ହେଲା ଏକ ଶକ୍ତିପୀଠ । ଏମିତିରେ ୫୧ଟି ବା ଭିନ୍ନମତେ ୧୦୮ଟି ପୀଠ ସୃଷ୍ଟି ହେଲା । ଏଥିରୁ ପୁରାଣ ମତେ ସତୀଙ୍କର ନାଭି ବିରଜା କ୍ଷେତ୍ର ଓ ଶ୍ରୀକ୍ଷେତ୍ରରେ ପଡିଥିଲା । ଏଣୁ ଓଡ଼ିଶା ପାଇଁ ଏ ଦୁଇଟି ହେଲେ ପ୍ରମାଣ ସିଦ୍ଧ ଶକ୍ତିପୀଠ । ସେମାନଙ୍କ ସହ ଓଡ଼ିଶାରେ ସେଇ ପ୍ରାଚୀନ କାଳରୁ ଅନେକ ଶକ୍ତିପୀଠ ବିରାଜମାନ କରୁଛି । ଆସନ୍ତୁ ସେମାନଙ୍କ ସଂପର୍କରେ ଆଲୋଚନା କରିବା ।

ବିରଜା ପୀଠ ଯାଜପୁର : ଭାରତବର୍ଷର ତୀର୍ଥ ମାନଚିତ୍ରରେ ବିରଜା କ୍ଷେତ୍ରର ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ଏକ ଶକ୍ତିପୀଠ ଓ ତନ୍ତ୍ର ପୀଠ ହିସାବରେ ସୁବିଦିତ । ଏଠାରେ ମା' ସତୀଙ୍କର ନାଭି ପତିତ ହୋଇଥିଲ ବୋଲି ପୁରାଣ ବର୍ଣ୍ଣିତ କଥା ଆମେ ଜାଣେ । ଏ ଦେବୀ ବୁଦ୍ଧି ଓ ଜ୍ଞାନର ପ୍ରଦାୟିନୀ ଓ ସମସ୍ତ ଆସୁରିକ ଶକ୍ତିର ବିନାଶକାରୀ । ଏ ମୂର୍ତ୍ତି ଚତୁର୍ଭୁଜା କି ଅଷ୍ଟଭୂଜା ନୁହନ୍ତି, ଦ୍ୱିଭୂଜା । ଏହାଙ୍କର ଏକ ହସ୍ତରେ ମହିଷର ଲାଙ୍ଗୁଳ ଏବଂ ଅନ୍ୟ ହସ୍ତରେ ଶୁଳ, ମସ୍ତକରେ ଗଣପତି ଫଣୀ, ଯୋନି ଓ ଲିଙ୍ଗ ମୁଦ୍ରାରେ ସେ ବିଭୁଷିତ । ଏ ଦେବୀ ଦୁର୍ଗୋତ୍ସବ ସମୟରେ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ସିଂହ ଧ୍ୱଜା ରଥାରୁଢ଼ ହୋଇ ବେଢା ପରିକ୍ରମା କରନ୍ତି । ଶକ୍ତି ଉପାସନା ସହ ଦେବୀଙ୍କର ଘୋଷଯାତ୍ରା କେବଳ ଉତ୍କଳ ନୁହେଁ, ଭାରତବର୍ଷରେ ମଧ୍ୟ ବିରଳ । ଅଦୈତ ଦର୍ଶନର ବ୍ରହ୍ମତତ୍ତ୍ୱ ସହିତ ଶକ୍ତି ତତ୍ତ୍ୱର ସମନ୍ୱୟ ଓ ତା' ସହିତ ବୌଦ୍ଧ ପରମ୍ପରାର ଘୋଷଯାତ୍ରା ବିରଜା ସଂସ୍କୃତିରେ ଏକାକୀ ହୋଇ ବିରଜାଙ୍କୁ ଅନନ୍ୟା ଭାବେ ପ୍ରତିପାଦିତ କରାଏ ।

ବିମଳା ପୀଠ ପୁରୀ : ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ବେଢାରେ ମା' ବିମଳାଙ୍କ ମନ୍ଦିର । ଶାରଦୀୟ ପୂଜାରେ ଶାକ୍ତ ଓ ବୈଷ୍ଣବ ମତବାଦର ଶାୟତ ସମନ୍ୱୟ ଦୃଷ୍ଟିରୁ ଦେବୀ ବିମଳାଙ୍କ ପୂଜା ସମଗ୍ର ଶାକ୍ତ ପରମ୍ପରାରେ ଅନନ୍ୟ । ଦେବୀ ଭାଗବତ ପୁରାଣ ମତେ ସେହିଁ ସେ ହେଉଛନ୍ତି ବୃନ୍ଦାବନ ଅଧିକାରୀ ଦେବୀ ସ୍ୱଂସାଧ ମଥୁରାର ମା' ଦେବକୀ ଓ ଦ୍ୱାରକାର ସେ ମା' ରୁକ୍ମିଣୀ । ଆମେ ଜାଣିଛେ ଯେ ମା'ଙ୍କର ନାଭି ଉଭୟ ବିରଜା ଓ ବିମଳା କ୍ଷେତ୍ରରେ ପଡିଥିଲା । ଏ ମା' ପରମ ବୈଷ୍ଣବୀ । ସେ ଏଠାରେ ଷୋଡଶ ଉପଚାରେ ପୂଜା ପାଆନ୍ତି । ଶ୍ରୀ ଜଗନ୍ନାଥଙ୍କ ପ୍ରସାଦ ମା'ଙ୍କୁ ପୁନଃ ସମର୍ପଣ ନହେଲେ ଏହା ମହାପ୍ରସାଦ ହୁଏ ନାହିଁ । ଆଶ୍ୱିନ ମାସ କୃଷ୍ଣାଷ୍ଟମୀଠାରୁ ଶୁକ୍ଳ ନବମୀ ଯାଏଁ ଶ୍ରୀମନ୍ଦିରରେ ମା'ଙ୍କର ଉପାସନା ହୁଏ । ଏ ମଧ୍ୟରେ ମା'ଙ୍କର ଏଗାରଟି ବେଶ ହୁଏ । ଏମାନଙ୍କ ମଧ୍ୟରେ ଦଶ ମହାବିଦ୍ୟା ବେଶ ପ୍ରଧାନ । ଶ୍ରୀ ଜଗନ୍ନାଥଙ୍କ ପହଡ ପରେ ମହାସପ୍ତମୀ, ଅଷ୍ଟମୀ ଓ ନବମୀ ନିଶାର୍ଦ୍ଧରେ ପଶ୍ଚିମ ଦ୍ୱାର ଦେଇ ଅଣାଯାଇଥିବା ପ୍ରତିଦିନ ଦୁଇଟି କରି ତିନିଦିନରେ ଛ'ଟି ପଶୁବଳି ଦେବାର ପରମ୍ପରା ଚଳିଆସୁଛି । ଏ ବ୍ୟବସ୍ଥା ପ୍ରଥମେ ଓଡ଼ିଆ ମଠ ଓ ମଙ୍ଗୁଳି ମଠ କରିଥାନ୍ତି । ଏବେକୁ ସହଜେ ପଶୁବଳି ନିଷେଧ କାରଣରୁ ପରିବର୍ତ୍ତିତ ବାତାବରଣ ସୃଷ୍ଟି ହୋଇଛି ।

ମା' ଚର୍ଚ୍ଚିକା ପୀଠ ବାଙ୍କୀ : ବାଙ୍କୀର ଆରାଧ୍ୟ ଦେବୀ ମା' ଚର୍ଚ୍ଚିକା, ସେ ଚର୍ଚ୍ଚିକା ଗିରି ଉପରେ ଆସୀନ । ମା' ଘଟ ଉପରେ ଚାଚେରୀ ଭୋଗ ପାଉଥିବାରୁ ସେ ଚର୍ଚ୍ଚିକା । ଏଠାରେ ବାର ମାସରେ ତେର ପର୍ବ ହୁଏ । ଏଗୁଡିକ ଭିତରୁ ଅଛି ମହାଷ୍ଟମୀ, ରାସପୂର୍ଣ୍ଣିମା, ପଣା ସଂକ୍ରାନ୍ତି, ଦୋଳ ପୂର୍ଣ୍ଣିମା, ବାସନ୍ତିକା ପୂଜା, କୁମାର ଓ ପୂର୍ଣ୍ଣିମା ଇତ୍ୟାଦି । ମାଆଙ୍କ ସାମ୍ନାରେ ଗଣେଶ, ଲକ୍ଷ୍ମୀ, ସରସ୍ୱତୀ, ବ୍ୟାଘ୍ରମୁଖୀ, ସିଂହମୁଖୀ ଦୁର୍ଗା, ଗଙ୍ଗାଯମୁନା, ପଛ ପାର୍ଶ୍ୱରେ ଦକ୍ଷିଣ ଚଣ୍ଡୀ, ଚାମଣ୍ଡା, ଘୁଘୁରାବତୀ ଇତ୍ୟାଦି ପୂଜା ପାଆନ୍ତି । ଆଶ୍ୱିନ ମାସରେ ଦଶହରା ଉପଲକ୍ଷେ କୃଷ୍ଣପକ୍ଷ ଅଷ୍ଟମୀ ଠାରୁ ଶୁକ୍ଳପକ୍ଷ ନବମୀ ଯାଏଁ ଷୋଡଶ ଉପଚାରରେ ପୂଜା ହୁଏ । ଅଷ୍ଟମୀ ତିଥିରେ ରାତିରେ ମଇଁଷି ବଳିପଡିଥିବା ଏ ପରମ୍ପରା ଅଛି ।

ମା' ଶାରଳା ପୀଠ ଝଙ୍କଡ଼ : ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା । କାଳେ କାଳେ ଶାରଳା ହେଉଛନ୍ତି ସପ୍ତସତୀ ଚଣ୍ଡୀ ପୁରାଣ ମତେ ମହାକାଳୀ, ମହାଲକ୍ଷ୍ମୀ ଓ ସରସ୍ୱତୀଙ୍କର ଏକ ଅପୂର୍ବ ସମାହାର । ତାଙ୍କ ପୂଜାରେ ଉଭୟ ତୁଳସୀ ଓ ବେଲପତ୍ର ଲାଗିଥାଏ । ସେ ଉଭୟ ପରମ ବୈଷ୍ଣମୀ ଓ ନିତ୍ୟ ଚଣ୍ଡୀ ଅଟନ୍ତି । ଅର୍ଥାତ୍ ଶୈବ ଓ ବୈଷ୍ଣବ ଧର୍ମର ସମନ୍ୱୟ ପୀଠ । ମା'ଙ୍କୁ ପ୍ରତିଦିନ ମାର୍ଜନା ପରେ ପ୍ରଥମେ ଶୁଖିଲା ମହାପ୍ରସାଦ ଭୋଗ ଦିଆଯାଏ । ପ୍ରତି ମାସର କୃଷ୍ଣ ଓ ଶୁକ୍ଳ ପକ୍ଷ ଏକାଦଶୀରେ ମା'ଙ୍କୁ ଜଗନ୍ନାଥଙ୍କ ବେଶରେ ସଜ୍ଜିତ କରାଯାଏ । ଏଠାରେ ପାରମ୍ପରିକ ରୀତିରେ ଚନ୍ଦନ ଯାତ୍ରା, ଦୋଳଯାତ୍ରା, ଝୁଲଣ ଯାତ୍ରା, ମହାବିଷୁବ ସଂକ୍ରାନ୍ତି ଓ ପାର୍ବଣ ପୂଜା ଅନୁଷ୍ଠିତ ହୁଏ । ସେ ତନ୍ତ୍ର ସାଧନାର ଆରାଧ୍ୟ ଦେବୀ ଅଟନ୍ତି । ମାଆ ଶାରଳା ଠାକୁରାଣୀଙ୍କୁ ଓଡ଼ିଆ ଭାଷା-ସାହିତ୍ୟ ସଂସ୍କୃତି ଓ କଳାର ଅଧିଷ୍ଠାତ୍ରୀ ଦେବୀଭାବେ ଗ୍ରହଣ କରାଯାଏ । ପଞ୍ଚଦଶ ଶତାବ୍ଦୀର କବି ମୂର୍ଖ ସିଦ୍ଧେଶ୍ୱର ପରିଡ଼ା । ମା'ଙ୍କ କୃପାରୁ ବନିଗଲେ ଶାରଳା ଦାସ । ତାଙ୍କ ରଚିତ ଶାରଳା ମହାଭାରତ ଓଡ଼ିଆ ଜାତିର ଏକ ପ୍ରାମାଣିକ ଇତିହାସ ।

ଚଣ୍ଡୀପୀଠ, କଟକ : ମା' ଚଣ୍ଡୀ କଟକଚଣ୍ଡୀ ଭାବେ ଖ୍ୟାତ । ଏ ଚଣ୍ଡୀଙ୍କ ବିଗ୍ରହ ମରହଟ୍ଟା ଶାସନକାଳରୁ ବାରବାଟୀ ଦୁର୍ଗ ପରିସରରେ ପୂଜା ହେଉଥିଲା । ପରେ ୧୫୬୮ ଖ୍ରୀଷ୍ଟାବ୍ଦରେ କଳାପାହାଡ ଆକ୍ରମଣ କାଳରେ ଏ ନୂତନ ପୀଠକୁ ଅପସାରିତ ହୋଇଛି । ଏହା ସର୍ବସାଧାରଣରେ ଦେବୀପୀଠ । ମାଆଙ୍କ ପାଖରେ ଅନ୍ନଭୋଗ ଓ ରାଜଭୋଗ ଲାଗିହୁଏ । ଦେବୀଙ୍କର ବହୁବେଶ ମଧ୍ୟରୁ ଶାରଦୀୟ ଷୋଡଶପୂଜା ଦିବସଗୁଡିକର ଉପଚାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ । ଦେବୀ ମୂଳାଷ୍ଟମୀରେ ସୁନାବେଶ, ନବମୀରେ ଭୁବେନଶ୍ୱରୀ, ଦଶମୀରେ ବ୍ରାହ୍ମଣୀ, ଏକାଦଶୀରେ ଉଗ୍ରତାରା, ଦ୍ୱାଦଶୀରେ ହରଚଣ୍ଡୀ, ତ୍ରୟୋଦଶୀରେ ବ୍ରହ୍ମଚାରିଣୀ, ଶୁକ୍ଳ ଦ୍ୱିତୀୟାରେ କାତ୍ୟାୟନୀ ତୃତୀୟାରେ ଜୟଦୁର୍ଗା, ପଞ୍ଚମୀରେ ଗାୟତ୍ରୀ, ଷଷ୍ଠ ସପ୍ତମୀରେ ବଗଳାମୁଖୀ, ମହାଷ୍ଟମୀରେ ମହାକାଳ. ମହାନବମୀରେ ମହାଲକ୍ଷ୍ମୀ, ବିଶ୍ରାମବେଳେ ସରସ୍ୱତୀ ଓ ଦଶମୀରେ ମହିଷା ମର୍ଦ୍ଦନୀ ବେଶ ହୋଇ ଏକାଦଶୀରେ ସୁନାବେଶ ହୋଇଥାନ୍ତି । ଏ ଦେବୀ ଅତ୍ୟନ୍ତ କଲ୍ୟାଣମୟୀ ।

ସମଲାଇ ପୀଠ, ସମ୍ବଲପୁର : ଦେବୀ ସମଲାଇ ସମ୍ବଲପୁର ଅଧିଷ୍ଠାତ୍ରୀ ଠାକୁରାଣୀ । ଏଦେବୀଙ୍କ ଦକ୍ଷିଣରେ ଭୁବେନଶ୍ୱରୀ ଓ ଘଣ୍ଟାଶନି ପୂଜା ପାଆନ୍ତି । ମନ୍ଦିର ଗାତ୍ରରେ ଦଶମହାବିଦ୍ୟା ସହିତ ଖମ୍ଭେଶ୍ୱରୀ ବିରାଜମାନ କରନ୍ତି । ଏ ମନ୍ଦିର ବେଢାରେ ମା'ଙ୍କ ମନ୍ଦିର ବ୍ୟତୀତ ବୈଭବ ମନ୍ଦିର, ମଉଳି ଦେବୀ ମନ୍ଦିର ଓ ଅଖଡ ହନୁମାନ ମନ୍ଦିର ମାନସ୍ଥାନ ପାଇଛନ୍ତି । ମନ୍ଦିର ପରିସରର ମଧ୍ୟ ଭାଗରେ ଅଷ୍ଟଧାତୁରେ ନିର୍ମିତ ଏକ ବିରାଟ ସିଂହମୂର୍ତ୍ତି ବର୍ତ୍ତମାନ ହୋଇଛି । ମା' ତାଙ୍କର ମଙ୍ଗଳା ଆଳତି ହୁଏ ଭୋର ୫ଟାରେ ଏହାପରେ ପୂଜାର୍ଚ୍ଚନା ଲାଗି ରହେ । ମଧ୍ୟାହ୍ନରେ ଅନ୍ନଭୋଗ ଓ ପରେପରେ ମା'ଙ୍କ ପହଡ଼ ହୁଏ । ମା'ଙ୍କ ପୀଠରେ ଶ୍ରେଷ୍ଠ ପର୍ବ ହେଉଛି ନୂଆଁଖାଇ । ଏହିଦିନ ନୂଆ ଧାନର ଚାଉଳରେ ମା'ଙ୍କ ଅନ୍ନଭୋଗ କରାଯାଏ ପାଖାପାଖି ୧୧୨ଟି ସ୍ଥାନରେ । ମନ୍ଦିରରେ, ଶାରଦୀୟ ପାର୍ବଣର ଚମକ ଏଠି ବେଶ୍ ଚମକପ୍ରଦ । ଆଶ୍ୱିନ ମୂଳାଷ୍ଟମୀରୁ ଏ ପର୍ବ ଆରମ୍ଭ ହୁଏ । ଦଶହରା ଦିନ ଦେବୀ ଧବଳ ମୂଖୀ ବେଶ ଧାରଣ କରନ୍ତି । ଏହାକୁ 'ଗଙ୍ଗାଦର୍ଶନ' ବେଶ କୁହାଯାଏ । ଏ ଦର୍ଶନରେ ପୁଣ୍ୟ ଗଙ୍ଗା ବୁଡ଼ ସହ ସମାନ । ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ମା'ଙ୍କର ନବରାତ୍ରି ପୂଜା ଆରମ୍ଭ । ଏହି ସମୟରେ ଏଠାରେ ଭିଡ ଜମେ ।

ମା' ହିଙ୍ଗୁଳା ପୀଠ, ତାଳଚେର : ତାଳଚେରର ହିଙ୍ଗୁଳା ଏକ ଅନନ୍ୟ ଓ ଅଲୌକିକ ଶକ୍ତିପୀଠ । ଏ ପୀଠରେ ବର୍ଷସାରା ନାନାପର୍ବ ପର୍ବାଣୀ ପାଳିତ ହୁଏ । ବାସନ୍ତିକ ପୂଜା ଓ ହିଙ୍ଗୁଳା ଯାତ୍ରା ଏମାନଙ୍କ ମଧ୍ୟରେ ପ୍ରଧାନ । ମାଆଙ୍କର ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରାର ଚୈତ୍ର ଶୁକ୍ଳ ପକ୍ଷ ବିଷୁବ ମକର ଚତୁର୍ଦ୍ଦଶୀରେ ଅନୁଷ୍ଠିତ ହୁଏ । ଏହା ହିଙ୍ଗୁଳା ଯାତ୍ରା ଭାବରେ ଖ୍ୟାତ । ଏ ଦେବୀ ଅଗ୍ନି ରୂପରେ ଆବିର୍ଭୂତା, ଅଗ୍ନିସମ୍ଭୁତା ଓ ଶାବରୀ ମନ୍ତ୍ରରେ ବଶୀଭୂତ ଓ ପୂଜିତା । ଏ ମା' ଶୁମ୍ଭ ନିଶୁମ୍ଭ ବଧ କରିଥିଲେ ବୋଲି କୁହାଯାଏ ।

"ଯା' ଦେବୀ ସର୍ବଭୁତେଷୁ ଶକ୍ତି ରୂପେଣ ସଂସ୍ଥିତା ।
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ ।।"

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮



## ବିହାର : ଏସଆଇଆର ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

**ପାଟନା,୩୦।୯:** ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମାପ୍ତ ହେବା ପରେ ଚୂଡ଼ାନ୍ତ ଭୋଟର କାଲିକା ପ୍ରକାଶ ପାଇଛି । ଭୋଟରମାନେ ନିର୍ବାଚନ କମିସନଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଲିଙ୍କ୍ https://voters.eci.gov.in/ ମାଧ୍ୟମରେ ଭୋଟର ତାଲିକାରେ ସେମାନଙ୍କର ନାମ ଦେଖିପାରିବେ । ନିର୍ବାଚନ କମିସନଙ୍କ ଅନୁଯାୟୀ, ଯେକୌଣସି ଭୋଟର ସେମାନଙ୍କର ଏପିକ୍ ନମ୍ବର (ଭୋଟର ପରିଚୟ ପତ୍ର ସଂଖ୍ୟା) ପ୍ରବେଶ କରି ଭୋଟର ତାଲିକାରେ ସେମାନଙ୍କର ନାମ ଯାଞ୍ଚ କରିପାରିବେ । ଫର୍ମ ୬ ପୂରଣ କରିଥିବା ଏବଂ ପରିଚୟ ପ୍ରମାଣ ପ୍ରଦାନ କରିଥିବା ଲୋକଙ୍କ ନାମ ମଧ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟରେ ଏସଆଇଆର ଚାଲିଥିବା ସମୟରେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳମାନେ ଏହାକୁ ବିରୋଧ କରିଥିଲେ । ଭୋଟର ତାଲିକାରୁ ବୈଧ ଭୋଟରମାନଙ୍କ ନାମ କଟାଯାଇଥିବା କଂଗ୍ରେସ ଅଭିଯୋଗ କରିଥିଲା । ଏହା ବିରୋଧରେ କଂଗ୍ରେସ ସୁପ୍ରିମକୋର୍ଟରେ ଅଭିଯୋଗ କରିଥିଲା । ତେବେ ସୁପ୍ରିମକୋର୍ଟ କେତେକ ସର୍ତ୍ତ ସହିତ ଏସଆଇଆରକୁ ଅନୁମତି ଦେଇଥିଲେ ।

## ଭୁଶୁଡ଼ିଲା ସ୍କୁଲ ଛାତ; ଜଣେ ମୃତ ଚାପି ହୋଇଛନ୍ତି ୬୫ ଛାତ୍ରଛାତ୍ରୀ !

**ନୂଆଦିଲ୍ଲୀ,୩୦।୯:** ଇଣ୍ଡୋନେସିଆ ଜାଭାରେ ଅଘଟଣ ଯ ଭୁଶୁଡିଲା ସ୍କୁଲ ଛାତ । ଭଗ୍ନାବଶେଷ ତଳେ ୬୫ ପିଲା ଚାପି ହୋଇ ରହିଥିବା ଆଶଙ୍କା । ନାମଜ ପାଠ ବେଳେ ଇଣ୍ଡୋନେସିଆରେ ଏକ ଇସଲାମିକ୍ ବୋର୍ଡିଂ ସ୍କୁଲର ଛାତ ଅଚାନକ ଭୁଶୁଡି ପଡ଼ିଥିଲା । ପ୍ରାର୍ଥନା ପାଇଁ ଛାତ୍ରଛାତ୍ରୀ ଏକାଠି ହୋଇଥିବା ବେଳେ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ଛାତ୍ରଙ୍କର ମୃତ୍ୟୁ ହୋଇଛି । ଭାଗ୍ନାବଶେଷ ତଳେ ୬୫ରୁ ଅଧିକ ଛାତ୍ରଛାତ୍ରୀ ଦବି ହୋଇ ରହିଥିବା ଆଶଙ୍କା କରାଯାଉଛି । ସସସ୍ତ ପିଲାଙ୍କ



ବୟସ ୧୨ରୁ ୧୭ ବର୍ଷ ମଧ୍ୟରେ ହେବ ଅଘଟଣର ଖବର ପାଇ ପୁଲିସ୍ ଉଦ୍ଧାରକାରୀ ଟିମ୍ ରେସ୍କ୍ୟୁ ଜାରି ରଖିଛନ୍ତି । ୧୨ଜଣ ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସ୍କୁଲ ପରିସରରେ ହାହାକାର ପରିସ୍ଥିତି ଦେଖିବାକୁ ମିଳିଛି । ଅଘଟଣର ୮ ଘଣ୍ଟା ପରେ ପୁଲିସ, ସେନା ଏବଂ ଉଦ୍ଧାରକାରୀ ଟିମ୍ ଆହତ ୮ ଜଣଙ୍କୁ ଭଗ୍ନାବଶେଷ ତଳୁ ବାହାର କରିବାରେ ସଫଳ ହୋଇଛନ୍ତି । ଭଗ୍ନାବଶେଷ ତଳେ ଅନେକ ଛାତ୍ରଛାତ୍ରୀ ଚାପି ହୋଇ ରହିଛନ୍ତି । ମୃତକଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି । ନମାଜ ପଢୁଥିବା ସମୟରେ ଛାତ ଭୁଶୁଡ଼ି ପଡିଛି । କୋଠା ନିର୍ମାଣ କାର୍ଯ୍ୟ ନେଇ ଯାଞ୍ଚ ଚାଲିଛି । ସେହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ମିଳିଛି ।

## ପିଓକେ ଲୋକଙ୍କ ଉପରେ ପାକିସ୍ତାନର ଅତ୍ୟାଚାର

**ଇସ୍ଲାମାବାଦ,୩୦।୯:** ଭାରତର ଅବିଚ୍ଛେଦ୍ୟ ଅଂଗ ପାକ ଅଧିକୃତ କଶ୍ମୀର (ପିଓକେ)ର ଲୋକମାନଙ୍କ ଉପରେ ପାକିସ୍ତାନ ସରକାର ବର୍ଷ ବର୍ଷ ଧରି ଅତ୍ୟାଚାର ଚଳାଇ ଆସୁଛନ୍ତି । ଏହି ଅଂଚଳର ପ୍ରାକୃତିକ ସମ୍ବଳ ଉପରେ ସ୍ଥାନୀୟ ଲୋକଙ୍କ ଅଧିକାର ଥିବାବେଳେ ପାକିସ୍ତାନ ସରକାର ସେଗୁଡ଼ିକୁ ଲୁଣ୍ଠନ କରୁଛନ୍ତି, କିନ୍ତୁ ସ୍ଥାନୀୟ ଲୋକେ ଦାରିଦ୍ର୍ୟର ସହ ରହୁଛନ୍ତି । ଏବେ ପିଓକେ ଲୋକମାନେ ପାକ ସରକାରଙ୍କ ଉପରେ ସ୍ୱର ଉତ୍ତୋଳନ



କରୁଥିବାବେଳେ ପାକିସ୍ତାନ ସେନା ସେମାନଙ୍କ ଉପରେ ଅତ୍ୟାଚାର ଚଳାଇଛି । ନିକଟରେ ପିଓକେରେ ଲୋକମାନେ ଚଳାଇଥିବା ଆନ୍ଦୋଳନକୁ ଦବାଇବାକୁ ପାକିସ୍ତାନ ପକ୍ଷରୁ ସେମାନଙ୍କ ଉପରେ ଗୁଳି ଚଳାଇଥିଲେ । କେତେକ ସୂଚନା ଅନୁସାରେ ପୁଲିସ ଗୁଳିରେ ଅତିକମରେ ୨୫ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏହା ପରେ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଜାରି ରହିଛି । ଆନ୍ଦୋଳନକାରୀମାନେ ଭାରତ ସପକ୍ଷରେ ସ୍ଲୋଗାନ ଦେବା ପରେ ପାକିସ୍ତାନର ଚିନ୍ତା ବଢ଼ିଯାଇଛି । ଏହାକୁ ଦୃଷ୍ଟିରେ ରଖି ପାକିସ୍ତାନ ସରକାର ସ୍ଥାନୀୟ ଅଂଚଳରେ ଇଣ୍ଟରନେଟ ଓ ଟେଲିଫୋନ ସେବାକୁ ବନ୍ଦ ରଖିଛନ୍ତି । ଏହାପରେ ସେଠାରୁ କୌଣସି ସୂଚନା ବାହାରକୁ ଆସିପାରୁନାହିଁ । ଏହା ପରେ ଏହି ଅଂଚଳରେ ପାକିସ୍ତାନ ସେନା ପକ୍ଷରୁ କଣ ଅତ୍ୟାଚାର ଚାଲିଛି ତାହା ଜଣାପଡୁନାହିଁ ।

## ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ

**ମୁମ୍ବାଇ,୩୦।୯:** ମୁମ୍ବାଇରୁ ଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ବୋମା ଥିବାର ଧମକ ମିଳିବା ପରେ ଜରୁରୀ ଅବତରଣ କରିଛି । ସୂଚନାଯୋଗ୍ୟ, ଇଣ୍ଡିଗୋ ବିମାନ ୬ଇ ୭୬୨ ମୁମ୍ବାଇରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା ଏବଂ ସକାଳ ୮ ଟା ସମୟରେ ବୋମା ଥିବାର ଧମକ ପାଇଥିଲା । ଏହି ଧମକ ମିଳିବା ପରେ ଦିଲ୍ଲୀ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ଏବଂ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ବିମାନ ଅବତରଣ ପରେ ସଙ୍ଗେସଙ୍ଗେ ଅଧିକାରୀମାନେ ଯାଞ୍ଚ ଆରମ୍ଭ କରି ଦେଇଥିଲେ । କିନ୍ତୁ କୌଣସି ପ୍ରକାର ସନ୍ଦେହଜନକ ଜିନିଷ ମିଳି ନଥିଲା । ବିମାନଟି ପ୍ରାୟ ୨୦୦ଜଣ ଯାତ୍ରୀଙ୍କୁ ନେଇ ଯାତ୍ରା କରୁଥିଲା । ଧମକ ପାଇବା ପରେ ତୁରନ୍ତ ଦିଲ୍ଲୀ ବିମାନବନ୍ଦରରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା । ସଙ୍ଗେସଙ୍ଗେ ବିମାନବନ୍ଦର ଅଧିକାରୀ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ସମସ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି ବିମାନର ସୁରକ୍ଷିତ ଅବତରଣ ପାଇଁ ପ୍ରସ୍ତୁତ ହୋଇଥିଲେ । ସୁରକ୍ଷା ସଂସ୍ଥାଗୁଡ଼ିକ କୌଣସି ତ୍ରୁଟିକୁ ଏଡାଇବା ପାଇଁ ସମସ୍ତ ପ୍ରୋଟୋକଲ



ଅନୁସରଣ କରିଥିଲେ । ଦିଲ୍ଲୀ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ୬ଇ ୭୬୨ ଅବତରଣ କରିବା ପରେ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯାଇଥିଲା ଏବଂ ବିମାନ ଯାଞ୍ଚ କରାଯାଇଥିଲା । ଯାତ୍ରୀମାନଙ୍କ ଲଗେଜ ମଧ୍ୟ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା । ତଦନ୍ତ ସମାପ୍ତ ନହେବା ପର୍ଯ୍ୟନ୍ତ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଥିଲା ।

## ବିବାହ ରଦ୍ଦ ନହେବା ପର୍ଯ୍ୟନ୍ତ ପତ୍ନୀଙ୍କ ଅଧିକାର ବଜାୟ ରହିବ

**ନୂଆଦିଲ୍ଲୀ,୩୦।୯:** ଆହ୍ଲାବାଦ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି, କେବଳ ବିବାହ ରଦ୍ଦ ହେବା କାରଣରୁ ସ୍ତ୍ରୀଙ୍କ ଭରଣପୋଷଣ ଅଧିକାର ଛଡ଼ାଇ ନିଆଯାଇପାରିବ ନାହିଁ । ଯେ ପର୍ଯ୍ୟନ୍ତ କୋର୍ଟରେ ବିବାହ ରଦ୍ଦ ପାଇଁ ଏକ ନିର୍ଦ୍ଦେଶ ଉପସ୍ଥାପିତ ନ ହୋଇଛି ଏହା ଜାରି ରହିବ । ଜଷ୍ଟିସ ରାଜୀବ ଲୋଚନ ଶୁକ୍ଲା କହିଛନ୍ତି, ଯେପର୍ଯ୍ୟନ୍ତ ଏକ ଅଚଳ ବିବାହକୁ ଏକ ଆଦେଶ ଦ୍ୱାରା ରଦ୍ଦ କରାଯାଇ ନାହିଁ, ସେପର୍ଯ୍ୟନ୍ତ ସ୍ୱାମୀଙ୍କ ଆଇନଗତ ଭାବରେ ବିବାହିତ ସ୍ତ୍ରୀ ଭାବରେ





ସ୍ତ୍ରୀର ଆଇନଗତ ସ୍ଥିତି ଏବଂ ଏଥିରୁ ଉତ୍ପନ୍ନ ସମସ୍ତ ଅଧିକାର ଜାରି ରହିବ । ଏହି ମାମଲାରେ, ସ୍ତ୍ରୀ ସିଆରପିସିର ଧାରା ୧୨୫ ଅନୁଯାୟୀ ପରିବାର କୋର୍ଟଙ୍କ ଦ୍ୱାରା ତାଙ୍କୁ ଭରଣପୋଷଣ ପ୍ରଦାନ ନକରିବା ଯୋଗୁ ହାଇକୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲେ । ପରିବାର କୋର୍ଟ କହିଥିଲେ ଯେ, ସେ ତାଙ୍କ ସ୍ୱାମୀଙ୍କଠାରୁ ପୃଥକ ଭାବରେ ରହୁଛନ୍ତି କାରଣ ସେ, ତାଙ୍କ ପୂର୍ବ ବିବାହ ଏବଂ ଛାଡପତ୍ରର ସତ୍ୟତାକୁ ଲୁଚାଇ ରଖିଥିଲେ । ହିନ୍ଦୁ ବିବାହ ଆଇନର ଧାରା ୧୨ (ଅବଧିକୃତ ବିବାହ)କୁ ଉଦ୍ଧୃତ କରି, ପରିବାର ଅଦାଲତ ମତ ଦେଇଥିଲେ ଯେ, ପ୍ରତାରଣା ଆଧାରରେ ସ୍ତ୍ରୀ ବିବାହ ରଦ୍ଦ କରିପାରିବେ । ତେଣୁ, ସେ ଭରଣପୋଷଣ ପାଇବାର ହକଦାର ନଥିଲେ । ତଥାପି, ହାଇକୋର୍ଟ କହିଛନ୍ତି ଯେ, କେବଳ ପୂର୍ବ ବିବାହ ଏବଂ ଛାଡପତ୍ରକୁ ଲୁଚାଇ ରଖାଯାଇଥିବାରୁ ଏହା ସିଦ୍ଧାନ୍ତରେ ପହଞ୍ଚି ପାରିବ ନାହିଁ ଯେ, ସ୍ତ୍ରୀ ତାଙ୍କ ଦାୟିତ୍ୱ ଏଡାଇ ଦେଉଛନ୍ତି । ଜଷ୍ଟିସ୍ ଶୁକ୍ଲା ଏହା ମଧ୍ୟ କହିଛନ୍ତି, କେବଳ ବିବାହ ରଦ୍ଦଯୋଗ୍ୟ ବୋଲି ଆଧାରରେ ଭରଣପୋଷଣ ମନା କରିବା ବେଆଇନ ଏବଂ ଅନ୍ୟାୟ । କୋର୍ଟ ସ୍ପଷ୍ଟ କରିଛନ୍ତି, ବିବାହକୁ ଅସିଦ୍ଧ ଘୋଷଣା କରିବା ପାଇଁ କୌଣସି ପକ୍ଷ କୋର୍ଟରେ ଆବେଦନ କରିନାହାନ୍ତି । ତେଣୁ, ସ୍ୱାମୀଙ୍କର ସ୍ତ୍ରୀ ଭାବରେ ସ୍ତ୍ରୀଙ୍କର ଆଇନଗତ ସ୍ଥିତି ଅକ୍ଷୁର୍ଣ୍ଣ ରହିଛି ଏବଂ ସେ ଭରଣପୋଷଣ ପାଇବାକୁ ହକଦାର । ଶେଷରେ, ହାଇକୋର୍ଟ ପରିବାର ଅଦାଲତର ନିର୍ଦ୍ଦେଶକୁ ଖାରଜ କରି ନୂତନ ନିର୍ଦ୍ଦେଶ ଦେବା ପାଇଁ ମାମଲାକୁ ପରିବାର ଅଦାଲତକୁ ଫେରାଇ ଦେଇଛନ୍ତି ।

## ୨୦୮୦ ପରଠୁ କମିବ ବିଶ୍ୱ ଜନସଂଖ୍ୟା

**ନୂଆଦିଲ୍ଲୀ,୩୦।୯:** ୨୦୮୦ ମସିହା ପରେ ବିଶ୍ୱ ଜନସଂଖ୍ୟା ହ୍ରାସ ପାଇବ । ସେପର୍ଯ୍ୟନ୍ତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବ ଏବଂ ପ୍ରାୟ ୧୦.୮ ବିଲିୟନ ବା ୧୦୮୦ କୋଟିରେ ପହଞ୍ଚିବ । ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ୨୧୦୦ ସୁଦ୍ଧା ବିଶ୍ୱରେ ୧୦ କୋଟି ଲୋକ କମିବେ । ବିଶେଷଜ୍ଞମାନେ ବିଶ୍ୱ ଜନସଂଖ୍ୟା ହ୍ରାସକୁ ଏକ ଚିନ୍ତାର କାରଣ ବୋଲି କହିଛନ୍ତି । ୨୦୨୨ରେ ବିଶ୍ୱ ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଛି, ଯାହା ଏକ ଶତାବ୍ଦୀ ପୂର୍ବ ତୁଳନାରେ ଚାରି ଗୁଣ ଅଧିକ । ଭାରତ ଭଳି ଦେଶରେ ଜନସଂଖ୍ୟା ବୃଦ୍ଧି ମଧ୍ୟ ଏକ ପ୍ରସଙ୍ଗ । ଅନ୍ୟପକ୍ଷରେ ଜାପାନ ତା'ର ଜନସଂଖ୍ୟା ବୃଦ୍ଧି ପାଇଁ ସଂଘର୍ଷ କରୁଛି । ଭଲ ଖବର ହେଉଛି, ଅତି କମରେ ଆଗାମୀ ୫୫ ବର୍ଷ ପର୍ଯ୍ୟନ୍ତ ଲୋକଙ୍କ ସଂଖ୍ୟା ହ୍ରାସ ପାଇବ ନାହିଁ ।



ଦୁନିଆରେ କମ୍ ଲୋକ ରହିବା ବି ଏକ ସମସ୍ୟା । ଏହା ମୁଖ୍ୟତଃ ଧନୀ, ବିକଶିତ ଦେଶମାନଙ୍କରେ ଦେଖାଯିବ, ଯେଉଁଠାରେ ମହିଳା ଶିକ୍ଷା ଓ ଅନ୍ୟାନ୍ୟ ଅଧିକାର ଜନସଂଖ୍ୟା ହ୍ରାସର ମୁଖ୍ୟ କାରଣ ହେବ । ବଢୁଥିବା ସମାନତା ଓ ସୁଯୋଗ ସହିତ ମହିଳାମାନେ ଶିଶୁ ଜନ୍ମ କରିବା ଅପେକ୍ଷା କ୍ୟାରିୟର ବାଛିବାର ସମ୍ଭାବନା ଅଧିକ । ଅନ୍ୟ ଏକ କାରଣ ହେଉଛି, ଜୀବନଯାପନର ମୂଲ୍ୟ ବୃଦ୍ଧି । ସବୁକିଛି ମହଙ୍ଗା ହେବା ସହିତ ଲୋକମାନେ ସନ୍ତାନ ଜନ୍ମ କରିବାକୁ ଆଗ୍ରହୀ ନୁହନ୍ତି । ଯେଉଁମାନେ ସନ୍ତାନ ଜନ୍ମ ନ କରିବାକୁ ପସନ୍ଦ କରନ୍ତି ସେମାନଙ୍କ ଉପରେ ଟିକସ ଲାଗୁ କରିବାକୁ ମଧ୍ୟ କେତେକ ପରାମର୍ଶ ଦିଅନ୍ତି, ଯଦିଓ ଏହି ଧାରଣାକୁ ଅଯୌକ୍ତିକ ବୋଲି କୁହାଯାଉଛି ।

## ମିଆଁମାରରେ ଭୂକମ୍ପ ଝଟକା

**ନୂଆଦିଲ୍ଲୀ,୩୦।୯:** ମିଆଁମାରରେ ଭୂକମ୍ପ ଝଟ୍କା । ମଙ୍ଗଳବାର ସକାଳୁ ସକାଳୁ ଥରିଲା ମାଟିୟ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୭ ରେକର୍ଡ କରାଯାଇଛି । ମଣିପୁର, ନାଗାଲାଣ୍ଡ ସମେତ ଆସାମ ଯାଏଁ ଏହାର ଝଟ୍କା ଅନୁଭୂତ ହୋଇଛି । ନ୍ୟାସନାଲ ସେଣ୍ଟର ଫର ସିସ୍ମୋଲୋଜି ବିଭାଗ ପକ୍ଷରୁ ଏନେଇ ସୂଚନା ମିଳିଛି । ଭୂମିକମ୍ପ ପ୍ରଭାବରେ କୌଣସି କ୍ଷୟକ୍ଷତି ହୋଇନଥିବା ବେଳେ ଲୋକମାନଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁସାରେ, ମଙ୍ଗଳବାର ସକାଳ ପ୍ରାୟ ୬ଟା ୧୦ରେ ମିଆଁମାରରେ ଭୂକମ୍ପ ଝଟ୍କା ଅନୁଭୂତ ହୋଇଛି । ଭୂମିକମ୍ପର ଗଭୀରତା ୧୫ କିଲୋମିଟର ଥିଲା । NCS ଅନୁଯାୟୀ, ଭୂମିକମ୍ପର ସଠିକ୍ ନିର୍ଦ୍ଦେଶାଙ୍କ ୨୪.୭୩ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୯୪.୬୩



ଡିଗ୍ରୀ ପୂର୍ବ ଦ୍ରାଘିମାରେ ଥିଲା । ଏପର୍ଯ୍ୟନ୍ତ, କୌଣସି ମୃତାହତ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ଆସିନାହିଁ । ପ୍ରକାଶ ଥାଉକି, ସେପ୍ଟେମ୍ବର ୨୭ରେ ଭାରତର ପଡୋଶୀ ଦେଶ ବାଂଲାଦେଶରେ ୩.୫ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଏହାର ତିନି ଦିନ ପରେ ମିଆଁମାରରେ ଭୂକମ୍ପ ଝଟ୍କା ଲାଗିଛି । ଏହାର ଉତ୍ପତ୍ତି ସ୍ଥଳ ପଶ୍ଚିମବଙ୍ଗର ରାଜଧାନୀ କଲିକତା ଠାରୁ ମାତ୍ର ୮୯ କିମି ଦୂର ପୂର୍ବ-ଉତ୍ତର-ପୂର୍ବରେ ଥିଲା ।

## ବାଂଲାଦେଶ ନିର୍ବାଚନରେ ହସ୍ତକ୍ଷେପ କରିବ ବ୍ରିଟେନ

**ନୂଆଦିଲ୍ଲୀ,୩୦।୯:** ବାଂଲାଦେଶରେ ଫେବୃଆରୀ ୨୦୨୬ ରେ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଏହି ନିର୍ବଚନରେ ୟୁରୋପୀୟ ସଂଘ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରିପୋର୍ଟ ପ୍ରକାଶ ପାଇଛି । ଇୟୁ ପ୍ରାୟ ୧୫୦ ନିର୍ବାଚନ ପର୍ଯ୍ୟବେକ୍ଷକ ପଠାଇବାକୁ ଯୋଜନା କରୁଛି । ଏଥିପାଇଁ ବାଂଲାଦେଶ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ନିର୍ବାଚନ କମିଶନ ସହିତ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ପ୍ରସ୍ତାବ ଦେଇଛି ୟୁରୋପୀୟ ସଂଘ । ନିର୍ବାଚନ କମିଶନର ବରିଷ୍ଠ ସଚିବ ଅଖତାର ଅହମ୍ମଦ ସାମ୍ବାଦିକମାନଙ୍କୁ ଏନେଇ ସୂଚନା ଦେଇଛନ୍ତି । ବ୍ରିଟିଶ ହାଇକମିଶନର ସାରା କୁକ୍ କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନାରେ ୟୁକେ ବାଂଲାଦେଶର ନିର୍ବାଚନ କମିଶନକୁ ସମସ୍ତ ପ୍ରକାରର ସହାୟତା ଯୋଗାଇବ । କୁକ୍ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନାସିର ଉଦ୍ଦିନଙ୍କ ସହ ଏକ ଘଣ୍ଟା ଧରି ଆଲୋଚନା କରିଛନ୍ତି । ସେ ଆଲୋଚନା ପାଇଁ ନିର୍ବାଚନ କମିଶନକୁ ଏକ ଦୁଇ ସଦସ୍ୟ ବିଶିଷ୍ଟ ବ୍ରିଟିଶ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇଥିଲେ । ଅଖତାର ଅହମ୍ମଦ କହିଛନ୍ତି ଯେ, ୟୁରୋପୀୟ ସଂଘର ପ୍ରତିନିଧିମଣ୍ଡଳୀ ନିର୍ବାଚନ



କମିଶନଙ୍କୁ ଭେଟି କିଛି ପ୍ରଶ୍ନ ଉପରେ ସ୍ପଷ୍ଟୀକରଣ ମାଗିଛନ୍ତି । ସେ କହିଛନ୍ତି ଯେ, ଇୟୁର ପ୍ରାକ୍-ନିର୍ବାଚନ ବିଶେଷଜ୍ଞମାନେ ଜାଣିବାକୁ ଚାହୁଁଛନ୍ତି ପର୍ଯ୍ୟବେକ୍ଷକମାନେ ମତଦାନ କେନ୍ଦ୍ରରେ ପ୍ରବେଶ କରିପାରିବେ କି ନାହିଁ । ସମସ୍ତ ୧୫୦ ଜଣ ପର୍ଯ୍ୟବେକ୍ଷକ ଏକାଥରେ ଆସିବେ ନାହିଁ । ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ପରେ ସେମାନେ ବିଭିନ୍ନ ସମୟରେ ବାଂଲାଦେଶ ଗସ୍ତ କରିବେ । ନିର୍ବାଚନ କମିଶନର ସଚିବ ଏହା ମଧ୍ୟ କହିଛନ୍ତି ଯେ, ପର୍ଯ୍ୟବେକ୍ଷକମାନେ ଦେଖିବାକୁ ଚାହୁଁଛନ୍ତି, ନିର୍ବାଚନ ଫଳାଫଳ କିପରି ପ୍ରକାଶିତ ହେବ । ଏହା ସହ ଗେଜେଟ୍ ବିଜ୍ଞପ୍ତି କେବେ ଜାରି ହେବ ଏବଂ ଏହି ସୂଚନା କମିଶନଙ୍କ ୱେବସାଇଟରେ ଉପଲବ୍ଧ ହେବ । ବ୍ରିଟିଶ ହାଇ କମିଶନର ସାରା କୁକ୍ କହିଛନ୍ତି ଯେ, ୟୁକେ ବାଂଲାଦେଶକୁ ସ୍ୱଚ୍ଛ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ କରାଇବାରେ ସମର୍ଥନ କରିବ । ଏହା ବ୍ୟତୀତ, ୟୁକେ ପୋଲିଂ ଏଜେଣ୍ଟମାନଙ୍କୁ ତାଲିମ ଦେବାରେ ମଧ୍ୟ ସହାୟତା କରିବ । ବ୍ରିଟେନ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଅଂଶୀଦାରମାନେ ନିର୍ବାଚନ ଅଧିକାରୀମାନଙ୍କୁ ତାଲିମ ଦେବାରେ ସହଯୋଗ କରୁଛନ୍ତି । ତେଣୁ, ୟୁରୋପୀୟ ସଂଘ ବିଶେଷ କରି ବ୍ରିଟେନ ବାଂଲାଦେଶରେ ଆଗାମୀ ସଂସଦୀୟ ନିର୍ବାଚନ ସ୍ୱଚ୍ଛ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ହେବା ନିଶ୍ଚିତ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଯାଉଛି ।

## ମରୁଭୂମିରେ ଚୀନ୍ ଲୁଚାଉଛି ଯୁଦ୍ଧଜାହାଜ, ଜେଟ୍ !

**ନୂଆଦିଲ୍ଲୀ,୩୦।୯:** ଚୀନର ଶିନଜିୟାଙ୍ଗ ପ୍ରାନ୍ତରେ ରହିଛି ସବୁଠୁ ବଡ଼ ନିର୍ଜନ ମରୁଭୂମି ଟକଲାମକାନ । ମରୁଭୂମି ବାଲିରେ କିଛି ଯୁଦ୍ଧ ଜାହାଜ ମୁତୟନ ହୋଇଥିବା ଦେଖିବାକୁ ମିଳିଛି । ଏଠାରେ ସାଟେଲାଇଟ୍ ଛବିରେ ରେଳ ଲାଇନ୍, ରନୱେ ଓ ନୌସେନା ବେସ୍ ମଧ୍ୟ ଦେଖିବାକୁ ମିଳିଛି । ସମୁଦ୍ରଠୁ ଶତାଧିକ କିମି ଦୂର ଏହି ମରୁଭୂମିରେ ଯୁଦ୍ଧଜାହାଜର କାମ କ'ଣ ? ଏହା ଚୀନର କୌଣସି ନୂଆ ରଣନୀତି ନୁହେଁ ତ !ଗ୍ରୀଷ୍ମଋତୁରେ ଟକଲାମକାନ ମରୁଭୂମିର ଦିନ ତାପମାତ୍ରା ୪୫ ଡିଗ୍ରୀ ସେଲ୍ସିୟସ । ଶୀତରେ ଏହାର ରାତି ତାପମାତ୍ରା ବିଯୁକ୍ତ ୨୦ ଡିଗ୍ରୀ ସେଲ୍ସିୟସରେ ପହଞ୍ଚିଯାଏ । ବର୍ଷରେ ଏଠାରେ ୧୦୦ ମିଲିମିଟରରୁ ମଧ୍ୟ କମ୍ ବର୍ଷା ହୁଏ । ଏଠାରେ ମାନବ ବସତି ନାହିଁ, କେବଳ ବାଲି । କିନ୍ତୁ ଏହାର ସାଟେଲାଇଟ୍ ଫଟୋଗୁଡ଼ିକୁ ଜୁମ୍ କଲେ, କିଛି ଆକୃତି ଦେଖିବାକୁ ମିଳୁଛି । ସାଟେଲାଇଟ୍ ଫଟୋରୁ ଏଠାରେ ଜାହାଜ ଭଳି ଆକୃତି ଦିଶୁଛି, ଯାହା ଉପରେ ରନୱେ ନିର୍ମିତ ହୋଇଛି । ଏହା ସମୁଦ୍ର ଯୁଦ୍ଧରେ ବ୍ୟବହୃତ ବିମାନ-ବାହକ ଭଳି, ଯେଉଁଠୁ ଜେଟ୍ ଉଡ଼ାଣ ଭରିପାରିବେ । ବାହକ ତଥା ଆକ୍ରମଣରେ ପ୍ରୟୋଗ ହେଉଥିବା ବିଧ୍ୱଂସକ ଜାହାଜ ବି ଦେଖିବାକୁ ମିଳିଛି । ଅନ୍ୟ ଫଟୋରେ ରନୱେ ମଧ୍ୟ ଦିଶୁଛି, ଯାହା ପ୍ରାୟ ୨ କିମି ଲମ୍ବା । ଏହାର ଦକ୍ଷିଣ ପାଶ୍ୱର୍ରେ ୨୦ରୁ ଅଧିକ ବିମାନ ପାର୍କ କରାଯାଇଛି । ଆମେରିକାର ଏକ ଘରୋଇ ମହାକାଶ ଟେକ୍ନୋଲୋଜି କମ୍ପାନି ସାଟେଲାଇଟ୍ରେ ଏହି ଦୃଶ୍ୟକୁ କଏଦ କରିଛି । ସମୁଦ୍ରଠୁ ଶହ ଶହ କିମି ଦୂରରେ ଲଢୁଆ ଜାହାଜ, ରନୱେ ଓ ଜେଟଗୁଡ଼ିକର କାମ କ'ଣ ହୋଇପାରେ ବୋଲି ଏହାକୁ ନେଇ ପ୍ରଶ୍ନ ଉଠିଛି । ଆଶଙ୍କା ଯେ ଆମେରିକାକୁ କୌଣସି ପ୍ରକାର ଚକ୍କା ଦେବା ପାଇଁ ତା'ରି ଭଳି ଯୁଦ୍ଧଜାହାଜ ନିର୍ମାଣ କରୁଛି ଚୀନ୍ । ଏହାକୁ ଡିସେପ୍ସନ୍ ୱାର୍ ଟେକ୍ନୋଲୋଜି କୁହାଯାଏ, ଯେଉଁଥିରେ ଶତ୍ରୁକୁ ନିଜ ଶକ୍ତିର ଭୁଲ ତଥ୍ୟ ଦିଆଯାଏ । ଶତ୍ରୁ ଫସିବା ପରେ ଅସଲି ଶକ୍ତି ପ୍ରଦର୍ଶନ କରି ତାକୁ ହରାଇ ଦିଆଯାଏ । ଆମେରିକା ନାଭାଲ ଇନଷ୍ଟିଚ୍ୟୁଟ୍ ଏହି ଫଟୋ ଜାରି କରିଛି । ଏହା ଅନୁସାରେ, ଚୀନର ମରୁଭୂମିରେ ଥିବା ଜେଟ୍ ଓ ରନୱେ ଅସଲି ନୁହେଁ, ବରଂ ଡମି ବା ନକଲ । ଆମେରିକୀୟ ଆର୍ମି ମଧ୍ୟ ଏହା ସ୍ୱୀକାର କରେ ଯେ ଶତ୍ରୁର ଧ୍ୟାନ ହଟାଇବା ପାଇଁ ଏ ପ୍ରକାର ଡମି ଅସ୍ତ୍ର ଚୀନ୍ ପ୍ରସ୍ତୁତ କରୁଛି, ଯାହା ଦୂରରୁ ଅସଲି ଭଳି ଦିଶୁଛି । ଚୀନ୍ ୨ୟ ବିଶ୍ୱଯୁଦ୍ଧ, ୧୯୫୦ର କୋରିଆ ଯୁଦ୍ଧ, ସୈନ୍ୟ ଅଭ୍ୟାସରେ ମଧ୍ୟ ଏହି ଟେକ୍ନୋଲୋଜି ପ୍ରୟୋଗ କରି ଶତ୍ରୁକୁ ଚକ୍କା ଦେଇଛି । ଏଥିରେ ନକଲି ଅସ୍ତ୍ର ଦେଖାଇବା, ନକଲି ଢାଞ୍ଚା ଓ ନକଲି ସେନାର ଗତିବିଧି ପ୍ରଦର୍ଶନ ଆଦି ସାମିଲ ।

## ପବନ ସିଂହଙ୍କୁ ଟାର୍ଗେଟ କଲେ ତେଜପ୍ରତାପ

**ନୂଆଦିଲ୍ଲୀ,୩୦।୯:** ବିହାରର ପୂର୍ବତନ ମନ୍ତ୍ରୀ ଏବଂ ଜନଶକ୍ତି ଜନତା ଦଳ ପ୍ରତିଷ୍ଠାତା ତେଜ ପ୍ରତାପ ଯାଦବ ବିଜେପି ନେତାମାନଙ୍କୁ ଭେଟିବା ପାଇଁ ଦିଲ୍ଲୀରେ ପହଞ୍ଚିଥିବା ଭୋଜପୁରୀ ଗାୟକ ଏବଂ ଅଭିନେତା ପବନ ସିଂହଙ୍କୁ ଟାର୍ଗେଟ କରିଥିଲେ । ସେ କହିଛନ୍ତି, ପବନ ସିଂହ ଥରେ ଲକ୍ଷ୍ନୌରେ ଆମ ପାଦ ଧରିଥିଲେ । ସେ ସବୁବେଳେ କାହାର ପାଦ ତଳେ ପଡ଼ି ଯାଉଛନ୍ତି । ପବନ ସିଂହ ଜଣେ କଳାକାର; ତାଙ୍କୁ ତାଙ୍କର କଳା ପ୍ରଦର୍ଶନ କରିବା ଉଚିତ, ସେ ନିର୍ବାଚନରେ କାହିଁକି ସାମିଲ ହେଉଛନ୍ତି ? ପବନ ସିଂହଙ୍କ ମନ ଏବଂ ବିବେକ କାମ କରୁନାହିଁ । ତେଜ ପ୍ରତାପ ପ୍ରଶାନ୍ତ କିଶୋରଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ସେ କହିଛନ୍ତି, ପ୍ରଶାନ୍ତ କିଶୋରଙ୍କ ଦଳ ବିରୁଦ୍ଧରେ ପୋଷ୍ଟର ଲଗାଯାଉଛି । ଜନସ୍ୱରାଜ ସଦସ୍ୟମାନେ ମହୁଆରେ ଆମ ସଦସ୍ୟଙ୍କ ଉପରେ ଗାଡ଼ି ଚଢ଼ାଇଦେଇଥିଲେ । ଏହି ଲୋକମାନେ ଗୁଣ୍ଡାଗିରିରେ ଲିପ୍ତ ଅଛନ୍ତି । ଜନସ୍ୱରାଜର ପ୍ରଶାନ୍ତ କିଶୋର ନିଜେ ଦୁର୍ନୀତିରେ ଲିପ୍ତ; ଭବିଷ୍ୟତରେ ତାଙ୍କର ମାମଲା ମଧ୍ୟ ପ୍ରକାଶ ପାଇବ ।'' ଜନଶକ୍ତି ଜନତା ଦଳର ପ୍ରତିଷ୍ଠାତା ଏବଂ ପୂର୍ବତନ ବିହାର ମନ୍ତ୍ରୀ ତେଜ ପ୍ରତାପ ଯାଦବ ଆହୁରି କହିଛନ୍ତି, ବ୍ଲାକବୋର୍ଡ (ଜନଶକ୍ତି ଜନତା ଦଳର ନିର୍ବାଚନ ପ୍ରତୀକ)ର ଆଗମନ ପରିବର୍ତ୍ତନ ଆଣୁଛି । ବ୍ଲାକବୋର୍ଡ ଏକ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରେ । ଲୋକମାନେ ଶିକ୍ଷା ଗ୍ରହଣ କରିବା ପାଇଁ ବ୍ଲାକବୋର୍ଡକୁ ବ୍ୟବହାର କରନ୍ତି । ଯେଉଁମାନେ ସ୍କୁଲ ବ୍ୟାଗ (ଜନସ୍ୱରାଜ ପାର୍ଟିର ନିର୍ବାଚନ ପ୍ରତୀକ) ବହନ କରୁଛନ୍ତି ସେମାନେ ମଧ୍ୟ ପାଠପଢ଼ା ପାଇଁ ସେମାନଙ୍କର ସ୍କୁଲ ବ୍ୟାଗ ସହିତ ବ୍ଲାକବୋର୍ଡ ପାଖକୁ ଆସିବେ ।

## ପାକିସ୍ତାନରେ ଆତ୍ମଘାତି ବିସ୍ଫୋରଣ; ୧୦ ମୃତ, ୩୨ରୁ ଅଧିକ ଆହତ

**ନୂଆଦିଲ୍ଲୀ,୩୦।୯:** ପାକିସ୍ତାନର ବେଲୁଚିସ୍ତାନ କ୍ୱେଟା ସ୍ଥିତ ସେନା ମୁଖ୍ୟାଳୟ ନିକଟରେ ଆତ୍ମଘାତି ବିସ୍ଫୋରଣ । ପୂର୍ବ କ୍ୱେଟାର ଫ୍ରଣ୍ଟିୟର କ୍ରପ୍ସ ମୁଖ୍ୟାଳୟ ପାଖରେ ଏହି ବିସ୍ଫୋଣ ଘଟିଛି । ବିସ୍ଫୋରଣ ପରେ ପରେ ଅନ୍ଧାଧୁନ ଗୁଳିମାଡ଼ ହୋଇଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଆଖପାଖରେ ଥିବା ଘରର ଝରକା କାଚ ଭାଙ୍ଗି ଯାଇଥିଲା । ପାକିସ୍ତାନ ନ୍ୟୁଜ୍ ୱେବସାଇଟ ଡନ ରିପୋର୍ଟ ଅନୁସାରେ ବିସ୍ଫୋରଣରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୨ରୁ ଅଧିକ ଲୋକ ଆହତ ହୋଇଛନ୍ତି । ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି । ବେଲୁଚିସ୍ତାନ ସ୍ୱାସ୍ଥ୍ୟମନ୍ତ୍ରୀ ବଖ୍ତ ମହମ୍ମଦ କାକର ଓ ସ୍ୱାସ୍ଥ୍ୟ ସଚିବ ମୁଜିବ ଉର ରହମାନ ସିଭିଲ କ୍ୱେଟା ହସ୍ପିଟାଲ, ବିଏମସି ହସ୍ପିଟାଲ ଓ ଟ୍ରୋମା ସେଣ୍ଟରକୁ ଜରୁରୀକାଳିନ ସ୍ଥିତି ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ଅନୁସାରେ ବିସ୍ଫୋରଣ ପରେ ସହରରେ ଧାଁଦୌଡ଼ ଆରମ୍ଭ ହୋଇଯାଇଥିଲା । ବିସ୍ଫୋରଣ ପରେ ପରେ ଅଞ୍ଚଳରେ ଗୁଳି ମାଡ଼ର ଶବ୍ଦ ବି ଶୁଣିବାକୁ ମିଳିଥିଲା । ଯିଏ ଯୁଆଡ଼େ ପାରିଲା ନିଜକୁ ବଞ୍ଚାଇବାକୁ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ । ବିସ୍ଫୋରଣ ପରେ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ତେବେ ଏହି ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇପାରିନି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି । ସୁରକ୍ଷାକର୍ମୀ ପୂରା ଅଞ୍ଚଳକୁ କଡନ କରି କମ୍ବି ଅପରେସନ ଆରମ୍ଭ କରିଛନ୍ତି । ସେହିପରି ବିସ୍ଫୋରଣ ସମୟର ସିସିଟିଭି ଫୁଟେଜ ସୁରକ୍ଷାକର୍ମୀଙ୍କ ହାତରେ ଲାଗିଛି । ସୂଚନାଯୋଗ୍ୟ, କ୍ୱେଟା ବେଲୁଚିସ୍ତାନ ପ୍ରାନ୍ତର ରାଜଧାନୀ ଅଟେ । ଆଉ ଏହା ଚରମପନ୍ଥିଙ୍କ ହିଂସାକାଣ୍ଡର ପ୍ରମୁଖ ସ୍ଥାନ ରହିଆସିଛି । ଏଠାରେ ଏମିତି ଘଟଣା ତିନିଦିନିଆ । ଏଥିରେ ଲସ୍କର ଏ ଝାଙ୍ଗବି (LeJ) ଓ ଇସ୍ଲାମିକ ଷ୍ଟେଟ ଖୋରାସାନ ପ୍ରୋବିନ୍ସ (ISKP) ନାଁ ଆସୁଛି । ଏହାବାଦ ତହରିକ ଏ ତାଲିବାନ ପାକିସ୍ତାନ ମଧ୍ୟ ଏହି ଅଞ୍ଚଳରେ ସକ୍ରିୟ ରହିଛି । ନିକଟରେ ବେଲୁଚ ବିଦ୍ରୋହୀଙ୍କ ଆକ୍ରମଣ ବି ଅଞ୍ଚଳରେ ନିତିଦିନିଆ ଘଟଣା ହୋଇଯାଇଛି ।

### କରୁର୍ ଦଳାଚକଟା ଘଟଣା

## ଷ୍ଟାଲିନଙ୍କୁ ଚ୍ୟାଲେଞ୍ଜ ଦେଲେ ବିଜୟ

**ନୂଆଦିଲ୍ଲୀ,୩୦।୯:** ତାମିଲନାଡୁର କରୁରରେ ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ରାଲିରେ ଦଳାଚକଟାକୁ ନେଇ ଦଳର ମୁଖ୍ୟ ତଥା ଅଭିନେତା ବିଜୟ ମୁହଁ ଖୋଲିଛନ୍ତି । ଏହି ଘଟଣାରେ ୪୧ ଜଣଙ୍କ ମୃତ୍ୟୁ ହେବାର ଦୁଇ ଦିନ ପରେ, ଅଭିନେତା ମଙ୍ଗଳବାର (ସେପ୍ଟେମ୍ବର ୩୦, ୨୦୨୫) କହିଛନ୍ତି ଯେ ସେ ତାଙ୍କ ଜୀବନରେ ଏପରି ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହୋଇନାହାଁନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦଳାଚକଟା ବିଷୟରେ ସତ୍ୟ ଖୁବ୍ ଶୀଘ୍ର ପ୍ରକାଶ ପାଇବ । ଟିଭିକେର ମୁଖ୍ୟ ଅଭିନେତା ବିଜୟ ମଙ୍ଗଳବାର (ସେପ୍ଟେମ୍ବର ୩୦, ୨୦୨୫) ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଟିଭିକେର ସରକାରୀ ହ୍ୟାଣ୍ଡେଲରୁ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଭିଡିଓ ପୋଷ୍ଟରେ, ସେ କରୁର ଦଳାଚକଟାରେ ପୀଡିତଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ଭିଡିଓରେ, ସେ ଏହି ଦୁଃଖଦ ଘଟଣା ଉପରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଯାହା ହେବା ଉଚିତ ନଥିଲା ତାହା ଘଟିଛି । ମୁଁ ମୋ ଜୀବନରେ କେବେ ଏପରି ଦୁଃଖଦ ପରିସ୍ଥିତିର ସମ୍ମୁଖୀନ କେବେ ହୋଇନାହିଁ । ଟିଭିକେ ମୁଖ୍ୟ ବିଜୟ ଏକ ଭିଡିଓ ପୋଷ୍ଟରେ କହିଛନ୍ତି ଯେ ସେ ଏପର୍ଯ୍ୟନ୍ତ ପ୍ରଭାବିତ ଲୋକଙ୍କ ସହିତ ସାକ୍ଷାତ କରିନାହାଁନ୍ତି । ସେ କହିଛନ୍ତି, ମୁଁ କରୁର ଗସ୍ତ କରିନାହିଁ କାରଣ ଏହା ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିପାରିଥାନ୍ତା । ମୁଁ ଆପଣଙ୍କୁ (ପୀଡିତ ଏବଂ ଆହତଙ୍କ ପରିବାର)କୁ ଶୀଘ୍ର ଭେଟିବି । ଏହି ସମୟରେ, ଅଭିନେତା ବିଜୟ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ଇଙ୍ଗିତ କରିଥିଲେ । ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କୁ ଚ୍ୟାଲେଞ୍ଜ କରିଥିଲେ । ଶାସକ ଦ୍ରାବିଡ ମୁନେତ୍ର କାଝଗମ (ଡିଏମକେ)ଙ୍କୁ ସମାଲୋଚନା କରି ସେ କହିଥିଲେ, ମୁଖ୍ୟମନ୍ତ୍ରୀ, ଯଦି ଆପଣଙ୍କର ପ୍ରତିଶୋଧର ଚିନ୍ତାଧାରା ଅଛି, ତେବେ ଆପଣ ମୋ ସହିତ କିଛି କରିପାରିବେ, କିନ୍ତୁ ଆପଣ ଦଳୀୟ ସଦସ୍ୟଙ୍କୁ ଛୁଇଁ ପାରିବେ ନାହିଁ । ଆପଣ ମୋ ଘରକୁ କିମ୍ବା ମୋ କାର୍ଯ୍ୟାଳୟକୁ ଆସି ମୋ ବିରୁଦ୍ଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବେ, କିନ୍ତୁ ସେମାନଙ୍କ ବିରୁଦ୍ଧରେ ନୁହେଁ । ସେ ଦାବି କରିଛନ୍ତି ଯେ ଘଟଣା ଦିନ ସେ ଲୋକଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଶୀଘ୍ର କରୁର ଛାଡି ଦେଇଥିଲେ । ବିଜୟ ଏହି ବୟାନ ଏପରି ସମୟରେ ଦେଇଛନ୍ତି ଯେତେବେଳେ ପୋଲିସ ତାମିଲନାଡୁର ପଶ୍ଚିମ କରୁର ଜିଲ୍ଲାରେ ସେପ୍ଟେମ୍ବର ୨୭ ତାରିଖରେ ହୋଇଥିବା ଦଳାଚକଟା ଘଟଣାରେ ତାଙ୍କ ଦଳୀୟ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରିଛି ।



# କିସ୍‌ନା ଡ଼ାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ୨ୟ ସ୍ୱତନ୍ତ୍ର ଶୋ'ରୁମ




ଭୁବନେଶ୍ୱର,୩୦।୯: କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀ ପକ୍ଷରୁ ଭୁବନେଶ୍ୱରର ଷ୍ଟାଲ୍‌ୱାର୍ଟ ହାଇଟଠାରେ ଏହାର ୨ୟ ଏକ୍ସକ୍ଲୁସିଭ ଶୋ'ରୁମ ର ଶୁଭାରମ୍ଭ କରାଯାଇଛି । ଏହି ଉଦଘାଟନ ସମାରୋହରେ ହରି କ୍ରିଷ୍ଣା ଗ୍ରୁପ୍ ?ର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ, ଘନଶ୍ୟାମ ଢୋଲକିଆ ଯୋଗ ଦେଇଥିଲେ । ନବରାତ୍ରିର ପବିତ୍ର ଋତୁକୁ ପାଳନ କରିବା ପାଇଁ କିସ୍‌ନା ପକ୍ଷରୁ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଏବଂ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରିବା ସହ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ ଓ ଡେବିଟ କାର୍ଡ ଉପରେ ଅତିରିକ୍ତ ୫%ର ତତ୍କାଳ ରିହାତି ପ୍ରଦାନ କରୁଛି । କିସ୍ ?ନା ପକ୍ଷରୁ ଏକ ସ୍ୱତନ୍ତ୍ର ସପ୍ ଆଣ୍ଡ ୱିନ କ୍ୟାମ୍ପେନ ମଧ୍ୟ ପରିଚାଳନା କରାଯାଉଛି ଯେଉଁଠାରେ ଗ୍ରାହକମାନେ ସୁନା ଓ ହୀରା ଅଳଙ୍କାରର କ୍ରୟ ଉପରେ ୧୦୦୦ରୁ ଅଧିକ ସ୍କୁଟର ଓ ୨୦୦ରୁ ଅଧିକ କାର୍ ଜିତିବାର ଏକ ସୁଯୋଗ ପାଇପାରିବେ ।

ଏହି ଲଂଚ ଅବସରରେ ହରି କ୍ରିଷ୍ଣା ଗ୍ରୁପର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ, ଶ୍ରୀଯୁକ୍ତ ଘନଶ୍ୟାମ ଢୋଲକିଆ କହିଛନ୍ତି, "ଓଡିଶା ସବୁବେଳେ ଏହାର କଳା ଓ କାରୁକାର୍ଯ୍ୟ ପାଇଁ ସୁପରିଚିତ ଅଟେ । ଆମର ଭୁବନେଶ୍ୱରର ଶୋ'ରୁମର ଉଦ୍ ?ଘାଟନ ସହିତ ଆମେ ଏହି ବିରାସତକୁ ପ୍ରତିଫଳନ କରୁଥିବା ଅଳଙ୍କାର ଆଣିବା ସହ ଆଜିର ମହିଳାମାନଙ୍କ ପାଇଁ ଆଧୁନିକ ଉତ୍କର୍ଷତା ପ୍ରଦାନ କରୁଛୁ । ନବରାତ୍ରି ସମୟରେ ଲଂଚ କରିବା ଏହି ସଫଳତାରେ ସମୃଦ୍ଧିର ଉତ୍ସାହ ଓ ନୂତନ ଆରମ୍ଭ ଯୋଗ କରୁଛି । ଆମେ ଭାରତର ପ୍ରତ୍ୟେକ ମହିଳାଙ୍କ ପାଇଁ ହୀରା ଅଳଙ୍କାରକୁ ପହଂଚଯୋଗ୍ୟ ଓ ଆକର୍ଷଣୀୟ କରିବା ପାଇଁ ଆମର ଯାତ୍ରା ଜାରି ରଖିଥିବାରୁ ଏହି ଶୁଭାରମ୍ଭ ଆମକୁ ଆମର ଦୃଷ୍ଟିକୋଣ 'ହର୍ ଘର୍ କିସ୍ ?ନା'ର ନିକଟତର କରିଛି ।" ଉକ୍ତ ଶୋ ରୁମ ର




ଶୁଭାରମ୍ଭ ଅବସରରେ କିଟ୍, କିସ୍ ଏବଂ କିମସ୍ ର ପ୍ରତିଷ୍ଠାତା, ଶ୍ରୀଯୁକ୍ତ ଅଚ୍ୟୁତ ସାମନ୍ତ ମଧ୍ୟ ଯୋଗ ଦେଇଥିଲେ ।

ସେହିପରି କିସ୍ ?ନାର ନିର୍ଦ୍ଦେଶକ ଶ୍ରୀଯୁକ୍ତ, ପରାଗ ଶାହ କହିଛନ୍ତି, "ନବରାତ୍ରିର ପବିତ୍ର ପର୍ବ ଅବସରରେ ଆମର ଭୁବନେଶ୍ୱର ଶୋ'ରୁମ ଲଂଚ କରିବା ଏହି ସଫଳତାକୁ ଆହୁରି ସ୍ୱତନ୍ତ୍ର କରିଛି । ନବରାତ୍ରି ଯେପରି ନୂତନ ଆରମ୍ଭକୁ ପାଳନ କରିଥାଏ, ଆମେ ମଧ୍ୟ କିସ୍ ?ନା ସହ ଓଡିଶାରେ ଏକ ନୂତନ ଅଧ୍ୟାୟର ଆରମ୍ଭ କରିବା ପାଇଁ ଖୁସି ଅନୁଭବ କରୁଛୁ ।"

କିସ୍ ?ନାର ଫ୍ରାଂଚାଇଜି ପାର୍ଟନର ଶ୍ରୀଯୁକ୍ତ ସୁଶୀଲ ଓ ଶୁଭମ ସେନାପତି କହିଛନ୍ତି, "କିସନା ସହ ସହଭାଗିତା କରିବା ଏବଂ ଭୁବନେଶ୍ୱରକୁ ଏହାର ବିଶ୍ୱସ୍ତ ଅଳଙ୍କାର ବିରାସତ ଆଣିବା ଏକ ସମ୍ମାନର ବିଷୟ ଅଟେ । ନବରାତ୍ରି ସମୟରେ ଏହି ଶୋ'ରୁମ ଶୁଭାରମ୍ଭ କରିବା ଏହି ମୁହୂର୍ତ୍ତକୁ ଆହୁରି ଶୁଭ କରିଛି ଏବଂ ଆମେ ଆମର ଗ୍ରାହକଙ୍କୁ ନୂତନ ଡିଜାଇନ ପ୍ରଦାନ କରିବା ପାଇଁ ଅପେକ୍ଷା କରିଛୁ ଯାହା ସେମାନଙ୍କର ଉତ୍ସବକୁ ଆହୁରି ଉଜ୍ଜ୍ୱଳମୟ କରିବ ।"

# ବେଦାନ୍ତ ଆଇରନ୍ ଓର ଓଡ଼ିଶା 'ଏକ ପେଡ୍ ମାକେ ନାମ' ପଦକ୍ଷେପ ମାଧ୍ୟମରେ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରୁଛି

ଭୁବନେଶ୍ୱର,୩୦।୯ (ନି.ପ୍ର) : 'ଏକ ପେଡ୍ ମାକେ ନାମ' ପଦକ୍ଷେପର ଅଂଶ ସ୍ୱରୂପ ବେଦାନ୍ତ ସେସା ଗୋଆର ଆଇରନ୍ ଓଡ଼ିଶା (ଆଇଓଓ) ଏହାର ବିଆଇସିଓ ଏବଂ ଫିଗ୍ରେଡ୍ ଖଣି ପରିସରରେ ଏକ ବ୍ୟାପକ ବୃକ୍ଷ ରୋପଣ ଅଭିଯାନ ସହିତ ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଆଗକୁ ବଢାଇଛି। ଯାହା ସ୍ଥାୟୀ ଖଣିଏବଂ ପରିବେଶଗତ ପରିଚାଳନା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି।



ଏହି ପଦକ୍ଷେପର ଏକ ଅଂଶ ଭାବରେ ଏବଂ ଏହି ଅବସରରେ, ଆଇଓଓ ସ୍ଥାୟୀ ପରିବେଶଗତ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରୟାସର ଅଂଶ ସ୍ୱରୂପ ୧୫୦୦ରୁ ଅଧିକ ଗଛ ରୋପଣ କରିଥିଲା। ଏହି କାର୍ଯ୍ୟକ୍ରମରେ କର୍ମଚାରୀ, ଶ୍ରମିକ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ ପାଇଁ ଏକ ସଚେତନତା ଅଧିବେଶନ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ବଡ଼ ବଡ଼ ବୃକ୍ଷରୋପଣର ସଫଳତାର ସହିତ ପରିଚାଳନା ପାଇଁ ଆବଶ୍ୟକତା ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବେଦାନ୍ତ ଲୁହାପଥର ଓଡ଼ିଶାର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ସାହୁ କହିଲେ, ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ, ଦାୟିତ୍ୱପୂର୍ଣ୍ଣ ବିକାଶ ପରିବେଶର ଯତ୍ନ ସହିତ ସମନ୍ୱୟରେ ଚାଲିବା ଉଚିତ୍। ଏହି ରୋପଣ ଅଭିଯାନ ଜୀବନକୁ ପୋଷଣ କରିବା, ଆମର ପରିବେଶ ପ୍ରଣାଳୀକୁ ସୁରକ୍ଷା ଦେବା ଏବଂ ଆମକୁ ପ୍ରତିପାଳନ କରୁଥିବା ସଂପ୍ରଦାୟ ଏବଂ ଭୂଦୃଶ୍ୟକୁ ଫେରାଇ ଦେବା ବିଷୟରେ ସୂଚିତ କରିଥାଏ। ଟ୍ରାନ୍ସଫର୍ମିଂ ପ୍ଲାନେଟ୍ ଅଧୀନରେ ଆମର ପ୍ରୟାସ ପରିବେଶଗତ ସୁରକ୍ଷା ଏବଂ ସ୍ଥାୟୀ ବିକାଶ ପ୍ରତି ଆମର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ପୂର୍ବରୁ ମଧ୍ୟ ବେଦାନ୍ତ ଆଇଓଓ ବିଶ୍ୱ ପୃଥିବୀ ଦିବସ ଏବଂ ବିଶ୍ୱ ପରିବେଶ ଦିବସ ଅବସରରେ ସମାନ ରୋପଣ ଅଭିଯାନ କରିଛି, ପଦ୍ମଶ୍ରୀ ଦୈତାରୀ ନାଏକ ମଧ୍ୟ ଏପ୍ରିଲ ୨୦୨୪ରେ କଂପାନୀରେ ଯୋଗ ଦେଇଥିଲେ। ଏହି ଅଭିଯାନ ବେଦାନ୍ତର ବୃହତ ଇଏସଜି ଦୃଷ୍ଟିକୋଣ ସହିତ ସଂଯୁକ୍ତ ଯାହା ଦ୍ୱାରା ଲୋକମାନେ, ଗ୍ରହ ଏବଂ ସମୃଦ୍ଧିକୁ ଏକୀକୃତ କରୁଥିବା ପଦକ୍ଷେପ ମାଧ୍ୟମରେ ଏକ ସବୁଜ ଆସନ୍ତାକାଲି ସୃଷ୍ଟି କରିବ। ସ୍ଥାନୀୟ ପରିବେଶରେ ବଢୁଥିବା ଦେଶୀ ପ୍ରଜାତି ରୋପଣ କରି, ବେଦାନ୍ତ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି ଯେ ସୃଷ୍ଟି ହାଇଥିବା ସବୁଜ ଆବରଣ ସ୍ଥିର ଏବଂ ବନ୍ୟପ୍ରାଣୀ ଏବଂ ଆଖପାଖ ସଂପ୍ରଦାୟ ଉଭୟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ।

# ଲୋଚାପଡ଼ା ପୂଜା ମଣ୍ଡପ ପରିଦର୍ଶନ କଲେ ପରିବହନ ମନ୍ତ୍ରୀ

କୁକୁଡ଼ାଖଣ୍ଡି,୩୦।୯ (ନି.ପ୍ର) : କୁକୁଡ଼ାଖଣ୍ଡି ବ୍ଲକ ଅଧିନ ଗୋପାଳପୁର



ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଚାପଡ଼ା ବିଶ୍ୱକର୍ମା ସାହିରେ ଅନୁଷ୍ଠିତ ହୋଇଥିବା ଦୁର୍ଗାପୂଜା ମେଢ଼ ପରିଦର୍ଶନ କରିଛନ୍ତି ମାନ୍ୟବର ମନ୍ତ୍ରୀ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅସ୍ଥାୟୀ ପୂଜା ମଣ୍ଡପରେ ପହଂଚି ମାଁଙ୍କୁ ଦର୍ଶନ କରିବା ସହ ଜଗତର କଲ୍ୟାଣ ପାଇଁ କାମନା କରିଛନ୍ତି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ନବରାତ୍ର ପୂଜା ବହୁ ଆଡ଼ମ୍ବର ସହ ପାଳନ ହୋଇଯାଇଛି । ମନ୍ତ୍ରୀଙ୍କ ଆଗମନରୁ ସମଗ୍ର ଲୋଚାପଡ଼ା ଗ୍ରାମ ଉତ୍ସବମୁଖର ହୋଇ ଉଠିଥିଲା । ଅତି ସୁନ୍ଦର ତୀକ୍ଷ୍ଣ କାରୁ କାର୍ଯ୍ୟରେ ପ୍ରସ୍ତୁତ ଅସ୍ଥାୟୀ ମଣ୍ଡପ ଓ ମାଁ ଦୁର୍ଗାଙ୍କ ପୂଜା ଯାକଜକମରେ ଆୟୋଜନ ଦେଖି ମନ୍ତ୍ରୀ ଶ୍ରୀ ଜେନା ଖୁସି ବ୍ୟକ୍ତ କରିବା ସହ ଆୟୋଜନ କମିଟିର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ମନ୍ତ୍ରୀ ଗ୍ରାମରେ ପହଂଚିବା ପରେ ଗ୍ରାମବାସୀ, ପୂଜା କମିଟି ପକ୍ଷରୁ ବିରାଟ ପଟୁଆରରେ ତାଳ,ମୃଦଙ୍ଗ ବଜାଇ ମାଁଙ୍କ ପୂଜା ମଣ୍ଡପ ନିକଟକୁ ପାଛୋଟି ନେବା ସହ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ମନ୍ତ୍ରୀ ଶ୍ରୀ ଜେନା ପ୍ରଥମେ ମାଁଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ । ଏହି ଅବସରରେ ସ୍ଥାନୀୟ ସରପଂଚ ଏଲ୍.ମୋହନ ଦାସ, ସମିତିସଭ୍ୟ ଚଣ୍ଡିଚରଣ ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ସୂର୍ଯ୍ୟମଣି ପାତ୍ର, ମହନ୍ତ ଚିନ୍ମୟାନନ୍ଦ ମହାରାଜ,ଲିଟୁ ବେହେରା,ଲକ୍ଷ୍ମଣ ପାତ୍ର,ଚନ୍ଦ୍ର ପାତ୍ର,ନିମଖଣ୍ଡି ମଣ୍ଡଳ ସଭାପତି କେ.ଚନ୍ଦ୍ରଶେଖର ଦାସ,ବୋରିଗାଁ ସରପଂଚ ପ୍ରତିନିଧି କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ସେହିପରି ମନ୍ତ୍ରୀ ଶ୍ରୀ ଜେନା ନିମଖଣ୍ଡି ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଥିବା ଦୁର୍ଗାପୂଜା ମେଢ଼ ଦର୍ଶନ କରି ମାଁ ଦୁର୍ଗାଙ୍କ ଆଶିଷ ଭିକ୍ଷା ଲାଭ କରିଥିଲେ । ପୂଜା ମଣ୍ଡପ ନିକଟରେ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଛି ।

# ଆମାଜନ ଫ୍ରେସ ଭାରତର ୨୭୦ରୁ ଅଧିକ ସହରକୁ ବିସ୍ତାରିତ ହୋଇଛି

ଭୁବନେଶ୍ୱର,୩୦।୯ (ନି.ପ୍ର) : ଆମାଜନ ଇଣ୍ଡିଆ ଚାଲୁଥିବା ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍ ସମୟରେ ଦେଶର ୨୭୦ ରୁ ଅଧିକ ସହରରେ ଆମାଜନ୍ ଫ୍ରେସ୍ ର ବିସ୍ତାର ସମ୍ପର୍କରେ ଘୋଷଣା କରିଛି। ଏହି ମାଇଲଖୁଂଟ ଭାରତର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ତାଜା ଫଳ ଏବଂ ପନିପରିବା, ଗ୍ରୋସେରୀ, ଘରୋଇ ଆବଶ୍ୟକୀୟ ସାମଗ୍ରୀ ଏବଂ ଆଂଚଳିକ ପସନ୍ଦିତ ସାମଗ୍ରୀ ସମେତ ଦୈନନ୍ଦିନ ଉତ୍ପାଦଗୁଡ଼ିକୁ ସୁଲଭ କରିବା ପାଇଁ ଆମାଜନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନୂତନ ଭାବରେ ସାମିଲ୍ ହୋଇଥିବା ସହରଗୁଡ଼ିକ ମଧ୍ୟରେ ଉତରରେ ଗୋରଖପୁର, ଦେହେରାଦୁନ, ଜଳନ୍ଧର ଏବଂ ଜିରକପୁର; ଦକ୍ଷିଣରେ କୋଏମ୍ବାଟୁର, ନେଲୋର, ହାସନ, କୋଡାଗୁ, ୱାରାଙ୍ଗଲ, ବିଜୟନଗରମ, ଭେଲୋର, ତିରୁପତି, କୋଟ୍ଟାୟମ, କୋଲ୍ଲମ ଏବଂ ହୁବଲି; ପୂର୍ବରେ ଜାମସେଦପୁର, ଆସାନସୋଲ ଏବଂ ଦୁର୍ଗାପୁର ଆଦି ସହରଗୁଡ଼ିକ ଅନ୍ତର୍ଭୁକ୍ତ। ଆମାଜନ୍ ଫ୍ରେସ ବିକ୍ରେତାମାନେ ୪୦,୦୦୦ ରୁ ଅଧିକ ଉତ୍ପାଦର ଏକ ବ୍ୟାପକ ସଂଗ୍ରହ ପ୍ରଦାନ କରନ୍ତି, ଯାହା ୨୦୨୩ ରେ ମାତ୍ର ୪,୦୦୦ ରୁ ଦଶ ଗୁଣ ବୃଦ୍ଧି ପାଇଛି।



ଏ ସମ୍ପର୍କରେ ଆମାଜନ୍ ଫ୍ରେସ ଇଣ୍ଡିଆ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀରାମ କହିଛନ୍ତି, "ଆମାଜନ ଫ୍ରେସ୍ କେବଳ ଦୁଇ ବର୍ଷ ମଧ୍ୟରେ ପହଂଚରେ ୪.୫ ଗୁଣ ଏବଂ ଚୟନରେ ୧୦ ଗୁଣ ବୃଦ୍ଧି ପାଇଛି, ଯାହା ସାରା ଭାରତରେ ପରିବାରମାନେ ଅନଲାଇନରେ କିଣାକିଣି କିଣିବାର ପଦ୍ଧତିକୁ ପରିବର୍ତ୍ତନ କରିଛି । ୨୭୦ ରୁ ଅଧିକ ସହରକୁ ବିସ୍ତାର କରି, ଆମେ ପୂର୍ବ ଅପେକ୍ଷା ଅଧିକ ପରିବାର ପାଇଁ ଘରୋଇ ଅତ୍ୟାବଶ୍ୟକୀୟ ଏବଂ ଉତ୍ସବମୁଖୀ ଜିନିଷଗୁଡ଼ିକ ଉପଲବ୍ଧ କରାଉଛୁ। ଆମାଜନ୍ ଫ୍ରେସ ବିକ୍ରେତାଙ୍କ ନେଟୱାର୍କର ପ୍ରସାର ଏବଂ ସହରଗୁଡ଼ିକରେ ଉପସ୍ଥିତି, ଆମାଜନର ଉନ୍ନତ ବିତରଣ କ୍ଷମତା ସହିତ ମିଳିତ ହୋଇ, ଭାରତର ସବୁଠାରୁ ବଡ଼ ଓମନିଚ୍ୟାନେଲ୍ ଗ୍ରୋସରୀ ନେଟୱାର୍କ ମଧ୍ୟରୁ ଗୋଟିଏ ପ୍ରତିଷ୍ଠା କରିବା ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଏହି ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ୍, ଆମର ଧ୍ୟାନ ସତେଜ ସାମଗ୍ରୀ ପ୍ରଦାନ, ସଂଚୟ ଏବଂ ସୁବିଧା ପ୍ରଦାନ କରିବା ଉପରେ ରହିଛି ।" ଆମାଜନ୍ ଫ୍ରେସ ର ଜଣେ ବିକ୍ରେତା ମୋର୍ ରିଟେଲ୍ ଲିମିଟେଡ୍ (ଏମଆରଏଲ୍)ର ମ୍ୟାନେଜିଂ ଡାଇରେକ୍ଟର ବିନୋଦ ନାମ୍ବିଆର କହିଛନ୍ତି, "ଆମେ ଆମାଜନ୍ ଫ୍ରେସର ଅଭିବୃଦ୍ଧିରେ ବହୁତ ଖୁସି। ଆମେ ଆମର ୩୭୦ ରୁ ଅଧିକ ଅଫଲାଇନ୍ ଷ୍ଟୋରକୁ ଆମାଜନ୍ ଫ୍ରେସ ଗ୍ରାହକମାନଙ୍କୁ ସେବା ଯୋଗାଇବା ପାଇଁ ପରିବର୍ତ୍ତନ କରିଛୁ। ଏହା ୨୦୨୪ ରେ ଆମାଜନ୍ ଫ୍ରେସରେ ଆମର ବ୍ୟବସାୟକୁ ବର୍ଷସାରା ୬୫% ବୃଦ୍ଧି କରିପାରିଛି ଏବଂ ଏହା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବାରେ ଲାଗିଛି।'' ଆମାଜନ୍ ଫ୍ରେସ ବିକ୍ରେତାମାନେ ଏକ ଦୃଢ଼ ଫାର୍ମ-ଟୁ-ଡୋରଷ୍ଟେପ୍ ନେଟୱାର୍କ ସ୍ଥାପନ କରିଛନ୍ତି, ଯାହା ସମଗ୍ର ଭାରତରେ ୧୩,୦୦୦ ରୁ ଅଧିକ ପଞ୍ଜିକୃତ ଚାଷୀଙ୍କ ସହିତ ସିଧାସଳଖ ସହଭାଗୀତା କରିଥାଏ। ଗ୍ରାହକମାନଙ୍କୁ ପ୍ରଦାନ କରାଯାଇଥିବା ପ୍ରତ୍ୟେକ ଜିନିଷ ଏକ କଠୋର ଚାରି-ପଦକ୍ଷେପ ଗୁଣବତା ପ୍ରକ୍ରିୟା ଦେଇ ଗତି କରେ ।

# ଏନ୍ଏସି ପକ୍ଷରୁ 'ଅଙ୍ଗୀକାର ୨.୦' କାର୍ଯ୍ୟକ୍ରମ

ବୁଗୁଡ଼ା,୩୦।୯ (ନି.ପ୍ର) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନଠାରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ପାଳନ ହେଉଥିବା ସେବା ପକ୍ଷ ଅବସରରେ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୁଲ୍ୟରେ ବୁଗୁଡା ଏନ୍ଏସି ପକ୍ଷରୁ 'ଅଙ୍ଗୀକାର ୨.୦' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏନ୍ଏସି କଲ୍ୟାଣୀ ମଣ୍ଡପ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ, ନଗର ବିଜେପି ସଭାପତି କେଦାର ନାଥ ମହାରଣା ଓ ବିଧାୟକ ପ୍ରତିନିଧି ଯଜ୍ଞ



ନାରାୟଣ ପାତ୍ରଙ୍କ ସମେତ କାଉନସିଲରମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ବାସହୀନଙ୍କୁ ଗୃହ ଯୋଗାଣ ସାଙ୍ଗକୁ ପାଣିପାଗ ସହିତ ଖାପ ଖୁଆଇ ଚଳିବା ନିମନ୍ତେ ଘର ନିର୍ମାଣ ଶୈଳୀ ସମ୍ପର୍କେ ଜ୍ଞାନ କୌଶଳ ପ୍ରଦାନ କରାଯାଇଥିଲା। ଏଥି ସହ ଗୃହ ନିର୍ମାଣ ସକାଶେ ଅତିରିକ୍ତ ଋଣ ପ୍ରଦାନ ନିମନ୍ତେ ସହଯୋଗର ହାତ ବଢାଇବା ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ବିଦ୍ୟୁତ୍ ସେବା ନିମନ୍ତେ ଋଣ ପ୍ରଦାନ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଏନ୍ଏସି କର୍ମଚାରୀବୃନ୍ଦ ସକ୍ରିୟ ସହଯୋଗ କରିଥିଲେ।

# ପୋଲିସ ଏସଆଇ ଲିଖିତ ପରୀକ୍ଷା ବାତିଲ ପ୍ରସଙ୍ଗ

# ପରୀକ୍ଷା ବାତିଲ କରିବାରେ ସରକାର ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି: ବିଜେଡି

ଭୁବନେଶ୍ୱର,୩୦।୯ (ନି.ପ୍ର) : ଓଡିଶା ପୋଲିସ ଏସଆଇ ନିଯୁକ୍ତି ପାଇଁ ଅକ୍ଟୋବର ୫ ଓ ୬ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଆଜି ଓପିଆରବି ଦ୍ୱାରା ସ୍ଥଗିତ ରଖାଯିବାକୁ ନେଇ ଆଜି ବିଜୁ ଜନତା ଦଳ ତରଫରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଛାତ୍ର ବିଜୁ ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ, ଗତ ପନ୍ଦର ମାସର ବିଜେପି ଶାସନରେ ପନ୍ଦର ଥର ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷାକୁ ବାତିଲ କରା ଯାଇଛି, ଯାହା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟର ହଜାର ହଜାର ଯୁବକ ମାନେ, ଯେଉଁମାନେ ଚାକିରିଟିଏ ପାଇବା ପାଇଁ ମାସ ମାସ ଧରି ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି, ପରୀକ୍ଷା ବାତିଲ ହେବା ପରେ ସେମାନେ ହତୋତ୍ସାହିତ ହୋଇ ପଡୁଛନ୍ତି।

ଶ୍ରୀମତୀ ସାହୁ କହିଥିଲେ, ଗତ ମାର୍ଚ୍ଚ



ମାସର ପ୍ରଥମ ସପ୍ତାହରେ ହେବାକୁ ଥିବା ପୋଲିସ ଏସଆଇ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ବାତିଲ କରା ଯାଇଥିଲା। ଏହାକୁ ଅକ୍ଟୋବର ୫ ଓ ୬ରେ କରାଯିବ ବୋଲି ଘୋଷଣା କରା ଯାଇଥିଲା। ଏହି ପରୀକ୍ଷା ହେବାକୁ ଏକ ସପ୍ତାହରୁ କମ ସମୟ ଥିବା ବେଳେ, ଆଜି ପରୀକ୍ଷା ପୂର୍ବରୁ ପୂର୍ବ ପ୍ରସ୍ତୁତି ପାଇଁ ଅନେକ ପରୀକ୍ଷାର୍ଥୀଙ୍କୁ ଜାଲିଆତି ପାଇଁ ହାଇଦ୍ରାବାଦ ନିଆ ଯାଉଥିବା ବେଳେ ଧରା ପଡିଥିଲା। ଖୋଦ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ଦ୍ୱାରା ୧୦୦ରୁ ଅଧିକ ଆଶାୟୀଙ୍କୁ ନେଇ ହାଇଦ୍ରାବାଦ ଠାରେ କୋଚିଂ ଦେବା ନାମରେ ନିଆ ଯାଉଥିବା ବେଳେ, ଆଜି ତାଙ୍କୁ ବ୍ରହ୍ମପୁର ପୋଲିସ ଧରିଥିଲା। ପ୍ରାଥମିକ ସୂଚନାରୁ ଆସିଥିବା ଅଭିଯୋଗ ସାଙ୍ଘାତିକ ନୁହେଁ। ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ବିଶେଷ କୋଚିଂ ପ୍ରଦାନ ଜାଲିଆତି କାର୍ଯ୍ୟକ୍ରମ କରିବାକୁ ସାହସ ଜୁଟାଇ ପାରିଲା କିପରି? ଏଥିରେ, ସରକାରଙ୍କ କୌଣସି ମନ୍ତ୍ରୀଙ୍କ ସମ୍ପୃକ୍ତି ନାହିଁ ତ? ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ, ନିଜେ ଗୃହ ମନ୍ତ୍ରାଳୟର ଦାୟିତ୍ୱରେ ଅଛନ୍ତି। ତେଣୁ, ସେ ଏ ପ୍ରସଙ୍ଗରେ ରାଜ୍ୟବାସୀଙ୍କ ସମ୍ମୁଖରେ ଉତ୍ତର ରଖିବା ଦରକାର। ଏହି ଘଟଣାରୁ, ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଯୁବତୀ ମାନେ ନିଯୁକ୍ତି ପାଇଁ ଥିବା ବ୍ୟବସ୍ଥା ଉପରେ ସନ୍ଦେହ ଉପୁଜିଛି। ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆମେ ଦାବୀ କରୁଛୁ। ନିଯୁକ୍ତି ବ୍ୟବସ୍ଥା ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ହେଲେ, ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ।

# ଜିନ୍ଦଲ ଷ୍ଟିଲ-ଅନୁଗୁଳ ପ୍ଲାଣ୍ଟରେ ନୂଆ ବେସିକ୍ ଅକ୍ସିଜେନ ଫର୍ନେସର ଶୁଭାରମ୍ଭ

ଅନୁଗୁଳ, ୩୦।୯ (ନି.ପ୍ର) : ବିଶିଷ୍ଟ ଶିଳ୍ପପତି ଶ୍ରୀ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଜିନ୍ଦଲ ଷ୍ଟିଲର ଅନୁଗୁଳ ସମନ୍ୱିତ ଷ୍ଟିଲ ପ୍ଲାଣ୍ଟରେ ୨୫୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ବେସିକ ଅକ୍ସିଜେନ ଫର୍ନେସ କନଭର୍ଟରର ଶୁଭାରମ୍ଭ ହୋଇଛି। ଏହା ଦ୍ୱାରା କମ୍ପାନିର ଷ୍ଟିଲ ଉତ୍ପାଦନ କ୍ଷମତା ବାର୍ଷିକ ୩ ମିଲିୟନ ଟନ୍ ବୃଦ୍ଧି ପାଇଛି। ବର୍ତ୍ତମାନ ଅନୁଗୁଳ ଷ୍ଟିଲ ପ୍ଲାଣ୍ଟର ଉତ୍ପାଦନ କ୍ଷମତା ବାର୍ଷିକ ୬ ମିଲିୟନ ଟନରୁ ୯ ମିଲିୟନ ଟନକୁ ବୃଦ୍ଧି ପାଇଛି। ଏହି ଉପଲବ୍ଧି ସହ ଚଳିତ ଆର୍ଥିକ ବର୍ଷରେ ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ୧୨ ମିଲିୟନ ଟନର ଆହୁରି ନିକଟତର ହୋଇଛି। ବ୍ଲାଷ୍ଟ ଫର୍ନେସ- ୨ ଏବଂ ନୂଆ ବିଓଏଫ୍ କନଭର୍ଟରର ଏକତ୍ର ଶୁଭାରମ୍ଭ ହେବା ଇସ୍ପାତ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସମ୍ପ୍ରସାରଣ ଦ୍ୱାରା ଉପଭୋକ୍ତା ଇସ୍ପାତ ଉତ୍ପାଦ ପ୍ରସ୍ତୁତି କରୁଥିବା ପ୍ଲାଣ୍ଟଗୁଡ଼ିକ ପାଇଁ ଅବାଧ ଇସ୍ପାତ ଉପଲବ୍ଧି ସୁନିଶ୍ଚିତ ହେବ। ଭିତ୍ତିଭୂମି ନିର୍ମାଣ, ଶକ୍ତି ଉତ୍ପାଦନ, ଅଟୋମୋବାଇଲ, ତୈଳ ଏବଂ ଗ୍ୟାସ ଓ ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ଉଚ୍ଚମାନର ତଥା ସ୍ୱଦେଶୀ ଇସ୍ପାତ ଉପଲବ୍ଧ ହୋଇପାରିବ।



# ଗାଳି ଓ ଗୁଳି ବିଜେପିର ଡିଏନଏରେ ଅଛି : କଂଗ୍ରେସ

ଭୁବନେଶ୍ୱର,୩୦।୯ (ନି.ପ୍ର) : କେରଳର ଏକ ଟିଭି ଚାନେଲ ବିତର୍କରେ ବିଜେପି ଦଳର ମୁଖପାତ୍ର ପିଣ୍ଟୁ ମହାଦେବ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ସର୍ବ ସମ୍ମୁଖରେ ଗୁଳି ମାରି ହତ୍ୟା କରିବାକୁ ଧମକ ଦେଇଛନ୍ତି । ଏହି କାପୁରୁଷତାପୂର୍ଣ୍ଣ ଧମକକୁ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି ।

କଂଗ୍ରେସ ଦଳ କହିଛି, ପିଣ୍ଟୁ ମହାଦେବଙ୍କୁ କଂଗ୍ରେସ ପକ୍ଷରୁ ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ସାହାଙ୍କୁ ଚିଠି ଲେଖା ଯାଇଥିଲେ ସୁଦ୍ଧା ସ୍ୱରାଷ୍ଟ୍ର ମନ୍ତ୍ରାଳୟ କିମ୍ବା ଭାରତୀୟ ଜନତା ପାର୍ଟି ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ନିଆ ଯାଇନାହିଁ । ଏହା କେବଳ ଏକ ରାଜନୈତିକ ବିବୃତି ନୁହେଁ ' ବରଂ ଏହା ଏକ ଅପରାଧିକ ଧମକ ଓ ପ୍ରଚାରିତ ହିଂସାର ଏକ ଘୃଣ୍ୟ କାର୍ଯ୍ୟ। ବିଜେପିକୁ ଉତ୍ତର ଦେବାକୁ ପଡ଼ିବ, ଏହା କଣ ଭାରତରେ ପ୍ରଚାର କରିବାକୁ ଚାହୁଁଥିବା ବିଜେପିର ରାଜନୈତିକ ସଂସ୍କୃତି ? ଏହା କଣ ପ୍ରଧାନମନ୍ତ୍ରୀଙ୍କ ଅମୃତକାଳ ? ଯେଉଁଠାରେ ଭିନ୍ନମତ ଓ ସ୍ୱରକୁ ଯୁକ୍ତି ଦ୍ୱାରା ପ୍ରତିବାଦ କରାଯାଏ ନାହିଁ ବରଂ ଗୁଳି ଦ୍ୱାରା ଚୁପ କରାଯାଏ । ଏତେ ବଡ଼ ସମ୍ବେଦନଶୀଳ ଘଟଣାରେ ଭାରତ ସରକାର ଏବଂ ଗୃହ ମନ୍ତ୍ରାଳୟ ନୀରବ କାହିଁକି ? ପ୍ରଚାର ପାଇଁ ଛୋଟ ଛୋଟ ପ୍ରସଙ୍ଗରେ ମନ୍ତବ୍ୟ ଦେଉଥିବା ପ୍ରଧାନମନ୍ତ୍ରୀ ନିଜ ଦଳର ମୁଖପାତ୍ରଙ୍କ ହିଂସ୍ରକ ଓ ବିପଜ୍ଜନକ ବିବୃତିକୁ କାହିଁକି ନିନ୍ଦା କରୁ ନାହାନ୍ତି ବୋଲି କଂଗ୍ରେସ ପ୍ରଶ୍ନ ପଚାରିବା ସହ କହିଛି ଯେ, ବିରୋଧୀ ଦଳ ନେତା ହିସାବରେ ରାହୁଲ ଗାନ୍ଧି ଦେଶର ପ୍ରତିନିଧିତ୍ୱ କରନ୍ତି । ତାଙ୍କ ଜୀବନକୁ ଧମକ ଦେବା ଅର୍ଥ କେବଳ ତାଙ୍କ ଉପରେ ଆକ୍ରମଣ ନୁହେଁ ଅପିତୁ ଭାରତୀୟ ଗଣତନ୍ତ୍ର ଉପରେ ଆକ୍ରମଣ ।

ଅତୀତରେ ଠିକ ଏହି ବିଚାରଧାରାର ବଶବର୍ତ୍ତୀ ହୋଇ, ଜାତିର ଜନକ ମହାତ୍ମା ଗାନ୍ଧିଙ୍କୁ ଛାତିରେ ଗୁଳି ମାରି ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟ ନାଥୁରାମ ଗୋଡ଼ସେ ହତ୍ୟା କରିଥିଲା । ବର୍ତ୍ତମାନ ମଧ ସେଇ ବିଚାରଧାରା ଆଜି ରାହୁଲ ଗାନ୍ଧୀଙ୍କୁ ଛାତିରେ ଗୁଳି ମାରିବା କଥା କହୁଛି । ସରକାରଙ୍କ ଉତ୍ତରଦାୟିତ୍ୱ ହେଉଛି ବିରୋଧୀ ଦଳ ନେତାଙ୍କୁ ସୁରକ୍ଷା ପ୍ରଦାନ କରିବା କିନ୍ତୁ ଓଲଟା ସରକାରୀ ଦଳର ପ୍ରବକ୍ତା ଖୋଲାଖୋଲି ବିରୋଧୀ ଦଳ ନେତାଙ୍କୁ ଗୁଳି ମାରିବାର ଦୁଃସାହସ କରୁଛନ୍ତି । ବିଜେପିକୁ ମନେ ରଖିବା ଉଚିତ ଯେ, ଭାରତ ଏକ ଗଣତନ୍ତ୍ର, ଏକଛତ୍ରବାଦୀ ଦେଶ ନୁହେଁ । ହତ୍ୟା ଧମକ ନା ରାହୁଲ ଗାନ୍ଧୀଙ୍କୁ ନୀରବ କରି ପାରିବ ନା କଂଗ୍ରେସ ଦଳକୁ କେବେ ନୀରବ କରି ପାରିବ । ଦଳର କର୍ମକର୍ତ୍ତାଙ୍କ ଠାରୁ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ଗାନ୍ଧି ପରିବାରଙ୍କୁ ଗାଳି କରି ଆସୁଛନ୍ତି । ଏହି ଗାଳି ଓ ଗୁଳିରେ ବିଶ୍ୱାସ ରଖୁଥିବା ଦଳଠାରୁ ଶାନ୍ତି ଓ ଅହିଂସା, ସମ୍ମାନ ଓ ସୁରକ୍ଷା ଆଶା କରିବା ବୃଥା । କଂଗ୍ରେସ ଏହି କାପୁରୁଷତାପୂର୍ଣ୍ଣ ବୟାନକୁ ଦୃଢ ନିନ୍ଦା କରିବା ସହ ବିଜେପି ନେତୃତ୍ୱ ଓ କେନ୍ଦ୍ର ସରକାରଙ୍କଠାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ ଉତ୍ତରଦାୟିତ୍ୱ ଦାବୀ କରୁଛି । ଭାରତର ଜନସାଧାରଣ ଘୃଣା, ହିଂସା ଓ ଭୟଭୀତ କରିବାର ଏହି ରାଜନୀତିକୁ କେବେ କ୍ଷମା କରିବେ ନାହିଁ ବୋଲି ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ କଂଗ୍ରେସ ଦଳ ପ୍ରକାଶ କରିଛି ।

# ଯାଜପୁରର ତିନି ପ୍ରତିଭା ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପରେ ସମ୍ବର୍ଦ୍ଧିତ

ଯାଜପୁର,୩୦।୯ (ନି.ପ୍ର) : ଯାଜପୁର ଜିଲ୍ଲାର ସଂସ୍କୃତି ସଂରକ୍ଷକ, ସମାଜସେବୀ ତଥା ଶିକ୍ଷାବିତ୍ ନବଘନ ସ୍ୱାଇଁ, ବସନ୍ତ



କୁମାର ମହାପାତ୍ର ଏବଂ ଯୁବ ରକ୍ତଦାତା ତଥା ସମାଜସେବୀ ସତ୍ୟଜିତ ସ୍ୱାଇଁ ନୂଆଦିଲ୍ଲୀ ସ୍ଥିତ ଭରତ ମଣ୍ଡପମ୍ ଓ ଜାତୀୟ ଅନୁଷ୍ଠାନ ନିଫା ର ମୁଖ୍ୟ କାର୍ଯ୍ୟାଳୟ ହରିୟାଣାର କର୍ଣ୍ଣାଲ୍ ସହର ଠାରେ ଅନୁଷ୍ଠିତ ୨୫ ବର୍ଷ ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ନିଫା ର ଚେୟାର ମ୍ୟାନ ପ୍ରିତ୍ ପାଲ ସିଂ ପାନ୍ନୁ ଙ୍କ ଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହି ଉତ୍ସବ ସେପଟ୍ଟେମ୍ବର ୨୧ ରୁ ୨୪ ପର୍ଯ୍ୟନ୍ତ ସମଗ୍ର ଦେଶର ପ୍ରତି ରାଜ୍ୟରୁ ଶିକ୍ଷାବିତ୍, ସାମାଜିକ କର୍ମୀ, ରକ୍ତଦାତା, ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ୧୨୨୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତର ବନ୍ଧୁରାଷ୍ଟ୍ର ମାରିଶସ୍, ଋଷିଆ,ଜାପାନ ପ୍ରମୁଖ ୧୨ ଟି ଦେଶ ମାନଙ୍କରୁ ନିମନ୍ତ୍ରିତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାମିଲ ହୋଇ ଥିଲେ। ଦେଶର ଐକ୍ୟ, ଶାନ୍ତି, ମୈତ୍ରୀ, ଭାତୃଭାବ ବଜାୟ ରଖିବା ପାଇଁ ନିଜ ନିଜ ରାଜ୍ୟ ମାନଙ୍କର ବ୍ୟାନର ଧରି ନିଜ ନିଜ ପାରମ୍ପରିକ ପୋଷାକ ପିନ୍ଧି ଭାରତ ମାତା କି ଜୟ ସ୍ଲୋଗାନ ମାନ ଦେଇଥିଲେ। ଅଂଶ ଗ୍ରହଣ କରିଥିବା ପ୍ରତିଭା ଧାରୀ ମାନଙ୍କୁ ଉଚ୍ଚ କୋଟିର ଆତିଥ୍ୟ ଓ ସମ୍ମାନିତ କରାଯାଇଥିଲା।

# ୧୫୯ ବର୍ଷରେ ମିର୍ଜାପୁର ଦୁର୍ଗାପୂଜା

ଧର୍ମଶାଳା,୩୦।୯ (ନି.ପ୍ର) : ରସୁଲପୁର ବ୍ଲକ୍ ବିଭିର୍ନ ସ୍ଥାନରେ ଜଗତ ଜନନୀ ମା ଦୁର୍ଗାଙ୍କ ଶାରଦୀୟ ଦୁର୍ଗାଉତ୍ସବ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ବିଶେଷ କରି ମିର୍ଜାପୁ ଗ୍ରାମରେ ମା' ଙ୍କର ୧୫୯ ତମ ଦୁର୍ଗାପୂଜା ମିର୍ଜାପୁର ପୂଜା କମିଟି ଏବଂ ମଧୁବନ ଗ୍ରାମ ଏହାର ପାଖା ପାଖି ବହୁ ଗ୍ରାମବାସୀ ବେଶ ଧୁମ ଧାମରେ ଏହି ଉତ୍ସବକୁ ପାଳନ କରୁଥିବାର ଦେଖିବାକୁ ମିଳିଥିଲା । ମା' ଦୁର୍ଗାଙ୍କ ପୂଜା ୫ ଦିନ ବ୍ୟାପି ଅନୁଷ୍ଠିତ ହବା ସହିତ ଏଠାରେ ନିଆରା ଭାବରେ କଳସ ଯାତ୍ରାରେ ଦେବୀ ମା ଙ୍କୁ ନୂଆ ଲୁଗା ବିଛାଇ ଶ୍ରଦ୍ଧାର ସହିତ ହରିବୋଲ ହୁଳା ହୁଳିରେ ସ୍ୱାଗତ କରିଥାନ୍ତି। ଏହି ପୂଜା ମଣ୍ଡପରେ ପଶ୍ଚିମା ମୁଖି ଭାବରେ ମା' ଙ୍କୁ ପୂଜା କରାଯାଏ ଏହା ଏକ ନିଆରା ପରମ୍ପର ଏନ୍ୟ କେଉଁ ଠାରେ ଦେଖିବାକୁ ମିଳେନାହିଁ । ମଣ୍ଡପରେ ଏହିପରି ବିଭିନ୍ନ ବିଧି ସହିତ ମହା ସପ୍ତମୀ, ମହାଷ୍ଟମୀ, ସନ୍ଧିପୂଜା, ମହା ନବମୀ, ବିଜୟା ଦଶମୀ ଦୀନ ଜଗତ ଜନନୀ ମା 'ଙ୍କୁ ଗ୍ରାମବାସୀ ଝିଅ ପରି ମେଲାଣି ଦିଅନ୍ତି । ମା, ଙ୍କର ଅଷ୍ଟମୀ ପୂଜାକୁ ଦର୍ଶନ ପାଇଁ ଶହ ଶହ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଥିଲା । ଶ୍ରଦ୍ଧାଳୁ ମାନେ ଦେବୀ ମା'ଙ୍କୁ ଦର୍ଶନ କରିବା ସହ ମାନସିକ ପାଇଁ ଦୀପ ଦାନ ସହିତ ଭୋଗ କରୁଥିବାର ଦେଖିବାକୁ ମିଳିଥିଲା । ଏହି ପୂଜା ମଣ୍ଡପରେ ସନ୍ଧ୍ୟା ସମୟରେ ଭଜନ କୀର୍ତ୍ତନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମବାସୀ ମାନେ ଆନନ୍ଦ ଉପଭୋଗ କରନ୍ତି । ତିନିଦିନ ବ୍ୟାପି ମା ' ଙ୍କର ପୀଠରେ ଶ୍ରଦ୍ଧାଳୁ ମାନେ ଆନନ୍ଦ ବଜାର ରେ ପ୍ରସାଦ ସେବନ କରିଥାନ୍ତି । ଦଶମୀ ଦୀନ ମା ' ଙ୍କର ବିସର୍ଜନ ପରେ ପରେ ରାବଣ ପୋଡ଼ି ହବା ସହିତ ହଜାର ହଜାର ସଂଖ୍ୟାର ଜନ ସମା ଗମକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ପାଇଁ କୁଆଖିଆ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ବାଣ ବୋଝେଇ ଟାଟାଏସି ଗାଡି ଜବତ, ଜଣେ ଗିରଫ

କୁକୁଡାଖଣ୍ଡି,୩୦।୯ (ନି.ପ୍ର) : ଆଗାମୀ ଦିପାବଳୀ ଅମାବାସ୍ୟାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ସହରରେ ଆତସବାଜି ବିକ୍ରି କରିବାକୁ ବ୍ୟବସାୟୀମାନେ ସଜବାଜ ହେଲେଣି । ହେଲେ ଆତସବାଜି ବିକ୍ରି ପାଇଁ ବର୍ତ୍ତମାନ ସୁଧା କାହାକୁ ଅନୁମତି ଦିଆଯାଇନାହିଁ। ଏପଟେ ବ୍ୟବସାୟୀମାନେ ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ଆତସବାଜି କିଣି ଆଣି ଠୁଳ କରିବା ଆରମ୍ଭ କରିଦେଲେଣି । ସେହିକ୍ରମରେ ଗତକାଲି ରାତିରେ ବାଲିପଡା ନିକଟରୁ ଗୋଟିଏ ଟାଟାଏସି ଗାଡି (ଓ ଡି ୦୨ଏଏମ ୪୭୦୪)ରୁ ବିପୁଳ ପରିମାଣର ବେଆଇନ୍ ଆତସବାଜି ଜବତ ହୋଇଛି । ଏହି ଆତସବାଜି ଚାଲାଣ କରୁଥିବା ଜଣେ ଯୁବକଙ୍କୁ ସଦର ଥାନା ପୁଲିସ ଗିରଫ କରିଛି । ସେ ହେଲେ ବ୍ରହ୍ମପୁର ବଡ ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ର ଗଙ୍ଗାଧର ବରାଡ(୩୭) । ଗତକାଲି ରାତିରେ ସଦର ଥାନା ପୁଲିସ ପକ୍ଷରୁ ପାଟ୍ରେଲିଂ ଚାଲୁଥିବା ବେଳେ ଏକ ଗାଡିରେ ବିପୁଳ ପରିମାଣର ଆତସବାଜି ଚାଲାଣ ହେଉଥିବା ପୁଲିସକୁ ଖବର ମିଳିଥିଲା । ସେହିକ୍ରମରେ ପୁଲିସ ଉକ୍ତ ଗାଡିକୁ ବାଲିପଡ଼ା ନିକଟରେ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ଉକ୍ତ ଗାଡିରୁ ପ୍ରାୟ ୭୦ ହଜାର ଟଙ୍କାର ବୋଆଇନ ଆତସବାଜି ଜବତ ହୋଇଥିଲା । ଏନେଇ ସଦର ଥାନାରେ ୪୪୪/୨୫ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଗଙ୍ଗାଧରକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମନ୍ୟମ୍ ପ୍ରଧାନ ସୂଚନା ଦେଇଛନ୍ତି ।



# ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ତ୍ରିଦିବସୀୟ ବକ୍ତୃତାମାଳା ଓ ବିରଜା ମହାନବମୀ ପାଳନ

ଯାଜପୁର : ୩୦/୦୯ (ନି.ପ୍ର): ଯାଜପୁରର ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ତ୍ରିଦିବସୀୟ ବକ୍ତୃତା ମାଳା ଓ ବିରଜା ମହାନବମୀ ପାଳନ ଅବସରରେ ବିରଜା ରଥଦାଣ୍ଡରେ ଅନୁଷ୍ଠିତ ମହୋତ୍ସବ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନ୍‌ଗୋ ମୁଖ୍ୟ ଅତିଥିଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମା'ବିରଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଆଜିର ସାନ୍ଧ୍ୟ ଅଧିବେଶନ ଉଦ୍‌ଘାଟନ କରିଥିଲେ। ସଂଗଠନ ସଂପାଦକ ହୃଷିକେଶ ପତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ ସ୍ତୋତ୍ରପାଠ କରିଥିଲେ। ଅଧାପକ ଗିରିଶ ବିହାରୀ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସାଧାରଣ ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର ଦୀର୍ଘ ୩୪ ବର୍ଷଧରି ମା'ବିରଜାଙ୍କ ସମ୍ମୁଖରେ ଅନନ୍ୟା ସାହିତ୍ୟ ସଂସଦ ଏହି କାର୍ଯ୍ୟକ୍ରମ କରିଆସୁଥିବାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କାନୁନ୍‌ଗୋ ଯୋଗଦେଇ ମା'ବିରଜାଙ୍କର ଷୋଡ଼ଶୋ ନବ ଦିନାତ୍ମକ ଏହି ଉତ୍ସବ ଯାଜପୁରର ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି ବୋଲି ପ୍ରକାଶ କରିବା ସହିତ ଯାଜପୁରରେ ପରସ୍ପର ମଧରେ ଭାଇଚାରାର ଯେଉଁ ଅନନ୍ୟ ଉଦାହରଣ ରହିଛି ତାକୁ ଉଦ୍‌ଜୀବିତ କରିବା ପାଇଁ ଏହି ଅନୁଷ୍ଠାନର ପ୍ରୟାସ ଅତି ଉଚ୍ଚକୋଟିର ବୋଲି ପ୍ରଶଂସା କରିଥିଲେ।



ମୁଖ୍ୟ ବକ୍ତାଭାବେ ଅଧାପକ ନିତ୍ୟାନନ୍ଦ ଦେଓ ଯୋଗଦେଇ ମା'ବିରଜାଙ୍କ ରଥଯାତ୍ରାର ତାତ୍ପର୍ଯ୍ୟ ଓ ମା'ବିରଜାଙ୍କ ମହିମା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଲେଖକ ଅଧିକାରୀ ନବକିଶୋର ଦାସ, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ମନିସା ରାଉତ ଯୋଗଦେଇ ମନୁଷ୍ୟ ଜୀବନକୁ ସାତ୍ୱିକ ଅନୁଭବ ସମାଜକୁ କୁସଂସ୍କାର ଦୂରକରି ଶାନ୍ତି, ମୈତ୍ରୀର ବାତାବରଣ ସୃଷ୍ଟି କରିବାରେ ଅନନ୍ୟା ସାହିତ୍ୟ ସଂସଦ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଯାଜପୁରର ନାଟ୍ୟ ଅନୁଷ୍ଠାନ ଆହ୍ୱାନ ପକ୍ଷରୁ ସମ୍ପାଦକ ବିଶ୍ୱଜିତ ସାହୁଙ୍କ ନିର୍ଦ୍ଦେଶନାରେ ପ୍ରଶାନ୍ତ ପତି, ଇଚ୍ଛାମୟୀ ଧଳ, ଅକ୍ଷୟ କୁମାର ପୃଷ୍ଟି ପ୍ରଭୃତି କଳାକାରମାନେ ସୁଲଭିତ କଣ୍ଠରେ ଭଜନ ପରିବେଷଣ କରିଥିଲେ। ଅନନ୍ୟା ସାହିତ୍ୟ ଗଣମାଧମର ସଂଯୋଜକ ଆଦିତ୍ୟା ମହାନ୍ତି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ହରିଶ୍ଚନ୍ଦ୍ର ପଣ୍ଡା ସୁବାସ ମହାପାତ୍ର, ବୃନ୍ଦାବନ ମିଶ୍ର, ସୀମା ମିଶ୍ର, ମିନକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ଉପ-ସଭାପତି ବିଭୂତିଭୂଷଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଦିରରେ ପ୍ରସାଦ ଖାଇ ଫେରିବା ବେଳେ ଅଘଟଣ

## ବାହୁଦା ନଦୀରେ ଭାସି ଯାଇ ୩ ମୃତ, ଜଣେ ଗୁରୁତର

କୁକୁଡାଖଣ୍ଡି,୩୦।୯:ମଙ୍ଗଳବାର ଅପରାହ୍ନରେ ମନ୍ଦିରରେ ପ୍ରସାଦ ସେବନ କରି ଘରକୁ ଫେରୁଥିବା ବେଳେ ବାହୁଦା ନଦୀ ରେ ଭାସିଯାଇ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଶିଶୁ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସାଧିନ ଅଛନ୍ତି । ଏଭଳି ଦୁଃଖଦ ଏବଂ ଅଭାବନୀୟ ଘଟଣା ଘଟିଛି ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ପଞ୍ଚାୟତ କଳିଙ୍ଗଦଳା ଗ୍ରାମ ନିକଟସ୍ଥ ବାହୁଦା ନଦୀ ଗର୍ଭରେ । ମୃତକ ମାନେ ହେଲେ କଳିଙ୍ଗଦଳା ଗ୍ରାମର ଉଷା ବେହେରା (୫୫) , ଝିଅ ଅନୁସୟା ବେହେରା (୩୦) , ନାତି ଆଦିତ୍ୟ ବେହେରା (୪) । ସେହିପରି ଗୁରୁତର ଜଣକ ହେଲେ ନାତୁଣୀ ସୋନାଲି ବେହେରା (୬)। ଗ୍ରାମ ଠାରୁ ପ୍ରାୟ ୫ ଶହ ମିଟର ଦୂରରେ ଥିବା ମାଁ ରନଶ୍ୱେରୀ ମନ୍ଦିରକୁ ପରିବାରର ୪ ଜଣ ନବରାତ୍ରି ପୂଜା ମହୋତ୍ସବ କୁ ଯାଇଥିଲେ। ମାଁ ଙ୍କ ଦର୍ଶନ ପରେ ସେଠାରେ ପ୍ରସାଦ ସେବନ କରି ଅପରାହ୍ନ ପ୍ରାୟ ୩ ଟାରେ ନଦୀ ପାର ହୋଇ ଫେରୁଥିବା ବେଳେ ନଦୀ ସ୍ରୋତ ରେ ଭାସି ଯାଇଥିଲେ। ଉପସ୍ଥିତ କିଛି ବ୍ୟକ୍ତି



ସେମାନଙ୍କୁ ନଦୀ ଗର୍ଭରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିଟି ମେଡିକାଲ କୁ ନେଇଥିଲେ । ସେଠାରେ ଉପସ୍ଥିତ ଡାକ୍ତର ମାଆ , ଝିଅ ଓ ନାତିକୁ ମୃତ ଘୋଷଣା କରିଥିଲେ । ନାତୁଣୀ ସୋନାଲିଙ୍କ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ମେଡ଼ିକାଲ ସ୍ଥାନାନ୍ତରିତ କରାଯାଇଥିଲା । ମେଡିକାଲରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ । କେ. ନୂଆଗାଁ ଥାନା ଚିକିଟି ଫାଣ୍ଡି ଏସ.ଆଇ ଗୌତମ ସାହୁ ମେଡିକାଲ ରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଗୁଡ଼ିକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା କୁ ପଠାଇଥିବା ଜଣାପଡିଛି।

# ବିଜେଡିର ଅପକୀର୍ତ୍ତିକୁ ଭାଇ ବିଜେପି ଢାଙ୍କିବାରେ ବ୍ୟସ୍ତ

ଭୁବନେଶ୍ୱର,୩୦।୯ (ନି.ପ୍ର) : ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ବିଜେପି ସରକାରକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ଏକ ପ୍ରେସ୍ ବିବୃତ୍ତିରେ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ବିଜେଡି ସରକାର ବେଳେ ବିରୋଧୀ ଦଳ ବିଜେପି ନାରୀ ଅତ୍ୟାଚାରକୁ ନେଇ ସାରା ଓଡ଼ିଶାରେ ବିଶେଷତଃ ପଶ୍ଚିମ ଓଡ଼ିଶାରେ ସରକାରଙ୍କ ବିରୋଧରେ ଘନ ଘନ ଶୋଭାଯାତ୍ରା, ଧାରଣା ଓ ଆନ୍ଦୋଳନ କରିଥିଲା । ଏହାର ମଙ୍ଗ ବଲାଙ୍ଗୀରର ସାଂସଦ ସଙ୍ଗୀତା ସିଂହଦେଓ ଧରିଥିଲେ। ସରକାରଙ୍କ ନିଦ ହଜେଇ ଦେଇଥିଲା ପୁଣି ଗୋବିନ୍ଦ ମେହେର ଜେଲରେ ଆତ୍ମହତ୍ୟା ମାମଲା ଅନ୍ୟ ରୂପ ନେଲା ଏବଂ ବିଜେଡି ମନ୍ତ୍ରୀ ନେତାଙ୍କ ସମ୍ପୃକ୍ତି ଅଭିଯୋଗ କରି ସିବିଆଇ ତଦନ୍ତ ଦାବିରେ ବିଜେପି ବଲାଙ୍ଗୀରରୁ ବିଧାନସଭା ଯାଏ ପ୍ରକମ୍ପିତ କରିଥିଲା। ସେତେବେଳେ ମମିତାଙ୍କ ପରିବାର ବର୍ଗଙ୍କୁ ସହାନୁଭୂତି ଦେବା ପାଇଁ ବିଜେପି କୁଜିନେତାଙ୍କ ଠାରୁ ଆରମ୍ଭ କରି ଦିଲ୍ଲୀର ବଡ଼ନେତାଙ୍କ ପର୍ଯ୍ୟନ୍ତ ମାସାଧିକ କାଳ ଝରଣୀପାଲି ସ୍ଥିତ ମମିତା ମେହେରଙ୍କ ଘରକୁ ସୁଅ ଛୁଟିଥିଲା । କିନ୍ତୁ ସରକାର ଆସିଲା ପରେ ସମସ୍ତ ଚିତ୍ର ବଦଳି ଗଲା। ଆଜକୁ ଦେଢ଼ ବର୍ଷ ପାଖାପାଖି ହୋଇଗଲା, କିନ୍ତୁ ସବୁ ବିଜେପି ନେତାଙ୍କ ପାଟି ମମିତାଙ୍କ ପାଇଁ ନିରବ ହୋଇଗଲା। ଦୁଃଖର କଥା, ଯେତେ କ୍ଷମତାଶାଳୀ ହେଲେ ସୁଦ୍ଧା ଦୋଷୀଙ୍କୁ ଦଣ୍ଡ ପ୍ରଦାନ କରି ମମିତାଙ୍କୁ ନ୍ୟାୟ ଦେବୁ ବୋଲି ବିଜେପି ପ୍ରତିଜ୍ଞା କରିଥିଲା ଆଜି ଗୋବିନ୍ଦ ମେହେରଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କ ଆଗରେ ଅନୁସନ୍ଧାନ ପାଇଁ କାନ୍ଦିବାକୁ ପଡୁଛି । ବଲାଙ୍ଗୀର ସାଂସଦ ଜଣେ ମହିଳା। କ'ଣ ସେ ମଧ ରାଜନୈତିକ ଫାଇଦା ପାଇଁ ସେତେବେଳେ ମମିତା ପାଇଁ ଲୁହ ଝରାଉଥିଲେ ? ବର୍ତ୍ତମାନ ସାମାନ୍ୟ ପଦଟିଏ ମଧ ପାଟିରୁ ଖସୁନି । କ'ଣ ନିର୍ବାଚନ ପାଇଁ ବିଜେପି କେବଳ ସମବେଦନା ଯାତ୍ରା ଏବଂ ସରକାରଙ୍କୁ ବଦନାମ କରିବା ପାଇଁ ରାଜରାସ୍ତାରେ ଯାତ୍ରା କରୁଥିଲା ?

ଗୋଲାମୁଣ୍ଡା ସ୍କୁଲରେ ମମିତା ଶିକ୍ଷୟତ୍ରୀ ଥିଲେ ଏବଂ ସେଇଠି ତାଙ୍କର ହତ୍ୟା ହୋଇଥିଲା। ଗୋଲାମୁଣ୍ଡା, ସାଂସଦ ମାଳବିକା ଦେବୀଙ୍କ କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ। ସେ ବି ଜଣେ ମହିଳା। କିନ୍ତୁ ତାଙ୍କ ନିରବତା ଦୁଃଖଦାୟକ ଏବଂ ନିନ୍ଦନୀୟ ମଧ । କ'ଣ ସାଂସଦ ଏବଂ ପୂର୍ବତନ ମନ୍ତ୍ରୀଙ୍କ ମଧରେ କିଛି ସଲାସୁତୁରା ହୋଇ ନାହିଁ ତ ? ମମିତା ହତ୍ୟାକାଣ୍ଡ ଓ ସ୍କୁଲ ମାଲିକ ଗୋବିନ୍ଦ ସାହୁ ଜେଲରେ ଆତ୍ମହତ୍ୟା ମାମଲା ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ଘଟିଛି । ବଲାଙ୍ଗୀର କଳାହାଣ୍ଡି ଉଭୟର ସାଂସଦ ମହିଳା, ପୁଣି ଏମାନେ ଡବଲ ଇଞ୍ଜିନ ସରକାର ଦଳର। କିନ୍ତୁ ଏମାନଙ୍କ ନିରବତା ସନ୍ଦେହ ଘେରକୁ ଆସୁନାହିଁ ତ ?

ବିଜେପି ବିଜେଡି ଭାଇ ଭାଇ ଏହା ଖୋଲା ଆକାଶ ଭଳିଆ ସତ୍ୟ ତେଣୁ ପୂର୍ବ ସରକାରଙ୍କ ମନ୍ତ୍ରୀ ନେତାଙ୍କୁ ବଞ୍ଚାଇବା ପାଇଁ ବର୍ତ୍ତମାନର ସରକାର ଏହି ବହୁ ଚର୍ଚ୍ଚିତ ଘଟଣାକୁ ଚାପି ଦେବାପାଇଁ ଷଡଯନ୍ତ୍ର କରୁନାହିଁ ତ ? ଯଦି ବଡ଼ ଧରଣର ଅନୁସନ୍ଧାନ ହୁଏ, ତେବେ କିଛି ବିଜେପି ନେତା ଫସିଯାଇ ପାରନ୍ତି ବୋଲି ସରକାର ଆଶଙ୍କା କରି ସିବିଆଇକୁ ଦାୟିତ୍ୱ ହସ୍ତାନ୍ତର କରୁନାହିଁ । ଆମେ ସୌମ୍ୟାଶ୍ରୀ ଏବଂ ବଳଙ୍ଗା ଉଭୟ ଆତ୍ମହୁତି ଘଟଣା ଦେଖି ସାରିଛୁ । ବର୍ତମାନର ସରକାର ନାରୀଙ୍କ ସୁରକ୍ଷା ପ୍ରତି କେତେ ଚିନ୍ତାଶୀଳ ଓଡିଶା ବାସୀ ଜାଣି ସାରିଲେଣି । ତେଣୁ ମମିତା ହତ୍ୟାକାଣ୍ଡ ମାମଲାରେ ସରକାର ଗମ୍ଭୀର ହୋଇ ପଦକ୍ଷେପ ନେବେ ଏବଂ ଦୋଷୀ ଦଣ୍ଡ ପାଇବ ଆଶା କରିବା ସମ୍ପୂର୍ଣ ବୃଥା । ଓଡିଶା ବାସୀ ଜାଣିବାକୁ ଚାହାନ୍ତି ଗୋଲାମୁଣ୍ଡା ରଙ୍ଗଶାଳାକୁ ତତ୍କାଳୀନ କେଉଁ କେଉଁ ରଙ୍ଗୀନ ମିଜାଜୀ ମନ୍ତ୍ରୀ, ବିଧାୟକ ଏବଂ କେଉଁ କେଉଁ ଦଳର ନେତା ପାଦ ଥାପିଥିଲେ ? ସରକାରର ଯଦି ଦମ ଅଛି ମମିତା ଏବଂ ଗୋବିନ୍ଦ ସାହୁ ହତ୍ୟାକାଣ୍ଡର ଉଚ୍ଚ ସ୍ତରୀୟ ନିରପେକ୍ଷ ତଦନ୍ତ କରି ରଙ୍ଗୀନ ମିଜାଜୀ ଧଳାହାତୀ ମାନଙ୍କୁ ଗିରଫ କରୁ, ତା ପରେ ଆମେ ଜାଣିବୁ ମୋହନ ସରକାର ମେରୁଦଣ୍ଡ ବିହୀନ ନୁହେଁ ବୋଲି ଶ୍ରୀମତୀ ସାହୁ କହିଛନ୍ତି।

# ପ୍ରଥମ ପର୍ଯ୍ୟାୟ ପଦଯାତ୍ରା ଅକ୍ଟୋବର ୨ ଓ ୩

## ନୂଆପଡ଼ା ନିର୍ବାଚନ ପରେ ଦ୍ୱିତୀୟ ପଦଯାତ୍ରା ଆରମ୍ଭ

ଭୁବନେଶ୍ୱର,୩୦।୯ (ନି.ପ୍ର) : ନୂଆପଡ଼ା ଉପ ନିର୍ବାଚନ ପାଇଁ ବଦଳିଲା କଂଗ୍ରେସର ପଦଯାତ୍ରା ସମୟ । ଗାନ୍ଧି ଜୟନ୍ତୀରୁ ମାତ୍ର ୨ ଦିନ ହେବ ପଦଯାତ୍ରା। ମାଲକାନଗିରି ମୋଟୁ ଅଞ୍ଚଳରୁ ପଦଯାତ୍ରା ଆରମ୍ଭ ହେବ। ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହେବ। ଦୁଇଦିନ ଧରି ପଦଯାତ୍ରା ଚାଲିବ। ଏହାପରେ ନୂଆପଡ଼ା ନିର୍ବାଚନ ପରେ ପୁଣି ଥରେ ପଦଯାତ୍ରା ଆରମ୍ଭ କରାଯାଇ ବର୍ଷେ ବ୍ୟାପୀ ଚାଲିବ। ଓଡିଆର ସୀମାକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ମୋଟୁ ଅଞ୍ଚଳରୁ ପଦଯାତ୍ରାରେ ବିଜେପି ସରକାରଙ୍କ ବିଫଳତା ନେଇ ଲୋକଙ୍କୁ ସଚେତନ କରାଯିବ। ପ୍ରତ୍ୟେକ ଦିନ ୧୫ ରୁ ୨୦ କିଲୋମିଟର ପଦଯାତ୍ରା ଅନୁଷ୍ଠିତ ହେବ। ରାଜ୍ୟର ସମସ୍ତ ୩୧୪ ବ୍ଲକ ରେ ଏହି ପଦଯାତ୍ରା ହେବ।ଯେହେତୁ ବିହାର ନିର୍ବାଚନ ସହ ନୂଆପଡା ଉପ ନିର୍ବାଚନ କରାଯିବ ତେଣୁ କଂଗ୍ରେସ ପଦଯାତ୍ରା କାର୍ଯ୍ୟକ୍ରମର ପରିବର୍ତ୍ତନ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି ।







# ଜିଏସଟି ହ୍ରାସ କୁ ନେଇ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ହିଞ୍ଜିଳିକାଟୁ,୩୦।୦୯(ସୁରେନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲା ପ୍ରତିନିଧି): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବିଜେପି କାର୍ଯ୍ୟାଳୟ ଠାରେ ବିଜେପି ପକ୍ଷରୁ ଜିଏସଟି ହ୍ରାସ ହେବା ଦ୍ୱାରା ସାଧାରଣ ଜନତାଙ୍କନିକଟରେ ବାର୍ତ୍ତା ପହଞ୍ଚାଇବା ଉଦ୍ଦେଶ୍ୟରେ ହିଞ୍ଜିଳିକାଟୁ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ହିଞ୍ଜିଳିକାଟୁ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ଘୁମୁସର ଜିଲ୍ଲା ସଭାପତି ଜୟ କୁମାର ସ୍ୱାଇଁ ଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀ ରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ଘୁମୁସର ଜିଲ୍ଲା ଉପସଭାପତି ମାଧବ ଗୌଡ଼,ସହ ସଂଯୋଜକ ସନ୍ତୋଷ ପାଣିଗ୍ରାହୀ,କଞ୍ଚୁରୁ ମଣ୍ଡଳ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ,ହିଞ୍ଜିଳି ବିଜେପି ନଗର ସଭାପତି ସୁଧାଂଶୁ ଶେଖର ସାବତ, ସେବା ସପ୍ତାହ କାର୍ଯ୍ୟକ୍ରମ ର ସଂଯୋଜକ ଯଜ୍ଞ ନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ ।ବର୍ତ୍ତମାନ ର ଜିଏସଟି ହାରକୁ ସରଳ ଏବଂ ହ୍ରାସ ଦ୍ୱାରା ଉଭୟ ଜନସାଧାରଣ ଏବଂ ଦେଶର ଅର୍ଥନୈତିକ ପ୍ରଗତି ସମ୍ଭବ ହୋଇପାରିବ ବୋଲି ମୁଖ୍ୟ ଅତିଥି ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ସାମ୍ବାଦିକ ସମ୍ମିଳନୀ ରେ ମତ ରଖିଥିଲେ , ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଅନ୍ତର୍ଯ୍ୟାମୀ ପାତ୍ର, ଶିକିରି ଭାଜପା ମଣ୍ଡଳ ସଭାପତି ମାର୍କଣ୍ଡ ପାଣିଗ୍ରାହୀ,ନିଳା ଭଉଳ, ସରୋଜ ପାତ୍ର, ନାରାୟଣ ପାଢ଼ୀଙ୍କ ସମେତ ସମସ୍ତ ଅନେକ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମା'ଙ୍କ ଦର୍ଶନ ପାଇଁ ମଣ୍ଡପରେ ଭିଡ

## ସଞ୍ଜ ହେଲେ ରାଜଧାନୀରେ ଟ୍ରାଫିକ ଅବସ୍ଥା ଅସମ୍ଭାଳ

**ଭୁବନେଶ୍ୱର,୩୦।୯ (ନି.,ପ୍ର:** ସଞ୍ଜ ବାଜିଲେ ସାଙ୍ଘାତିକ ହେଉଛି ସହରର ସ୍ଥିତି। ଭୁବନେଶ୍ୱରରେ ବିଗିଡିଯାଉଛି ଟ୍ରାଫିକ ବ୍ୟବସ୍ଥା। ସମସ୍ତେ ପୂଜା ମଣ୍ଡପ ବୁଲିବାକୁ ଘରୁ ବାହାରୁଥିବା ବେଳେ ରାସ୍ତାରେ ଅସମ୍ଭାଳ ଭିଡ ଦେଖିବାକୁ ମିଳୁଛି। କିଲୋମିଟର କିଲୋମିଟର ଯାଏଁ ଗାଡିର ଲମ୍ବା ଲାଇନ ଲାଗୁଛି। ଖାଲି କାର ନୁହେଁ ମାଳମାଳ ବାଇକ ପାଇଁ ବି ରାସ୍ତାର ଭିଡ ନିୟନ୍ତ୍ରଣ ସୀମା ଲଙ୍ଘୁଛି। ରାସ୍ତାରେ ଘଣ୍ଟା ଘଣ୍ଟା ଜାମ୍ ଲାଗି ରହୁଛି। ୧୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ଅଧ ଘଣ୍ଟା ଉପରେ ଲାଗି ଯାଉଛି। ପୂଜା ଦେଖିବାକୁ ଆସୁଥିବା ଲୋକ ରାସ୍ତା କଡରେ ଗାଡ଼ି ଥୋଇ ପଳାଇ ଯାଉଥିବାରୁ ଏବଂ ମଣ୍ଡପ ସାମ୍ନାରେ ଗାଡ଼ି ରଖି ଦର୍ଶନ କରୁଥିବାରୁ ଭିଡ ବଢୁଥିବା କୁହାଯାଉଛି। ଟ୍ରାଫିକ ନିୟମକୁ ଲୋକେ ମାନୁନଥିବା ବେଳେ ମନଇଚ୍ଛା ରାସ୍ତାର ଏପଟ ସେପଟ ଗାଡି ନେଉଥିବା ଦେଖିବା ମିଳୁଛି। ଯାହା ଫଳରେ ଭିଡ ସାଙ୍ଘାତିକ ହେଉଛି। ଭିଡରେ ଆମ୍ବୁଲାନ୍ସ ବି ଫସିଯାଉଥିବା ଦେଖିବାକୁ ମିଳୁଛି। ରୋଗୀଟିଏ ଭିଡ ପାଇଁ ଅଳ୍ପ ସମୟରେ ହସ୍ପିଟାଲରେ ପହଞ୍ଚି ପାରୁନି। ସୋମବାର ସନ୍ଧ୍ୟାରେ ଭିଡ ବରମୁଣ୍ଡା ଠାରୁ ରସୁଲଗଡ଼ ଯାଏଁ ଲାଗିଥିଲା। ତେବେ ଏ ଭିଡ ଏବର୍ଷ ନୁହେଁ ଗତବର୍ଷ ବି ଠିକ୍ ଏମିତି ସମସ୍ୟା ଦେଖା ଦେଇଥିଲା। ଗୋଟେ ପଟେ ଟ୍ରାଫିକ ଭିଡ ଲାଗିଥିବା ବେଳେ ଅନ୍ୟପଟେ ଭକ୍ତି ଭିଡ ଲାଗିଛି। ମଣ୍ଡପ ଆଗରେ ଖରଖଚ ଭିଡ ଦେଖିବାକୁ ମିଳୁଛି। ଲୋକେ ମାଆଙ୍କ ଦର୍ଶନ ପାଇଁ ଏବଂ ଭଳି କି ଭଳି ସଜା ହୋଇଥିବା ପେଣ୍ଡାଲ ବୁଲିବାକୁ ତୋରଣ ଆଗରେ ଭିଡ ଲଗାଉଛନ୍ତି। ତେବେ ରସୁଲଗଡ ଛକରେ ଆଜି ଦୁଇଟି ଦୃଶ୍ୟ ଦେଖିବାକୁ ମିଳିଛି। ଗୋଟେ ପଟେ ଭିଡ ଗାଡିର ଲାଗିଛି ଆଉ ଅନ୍ୟପଟେ ଭିଡ ମା'ଙ୍କ ଦର୍ଶନ ପାଇଁ ଲାଗିଥିଲା।



## ନୟାପଲ୍ଲୀରେ କଥକଲି ଥିମ୍ ତୋରଣ



**ଭୁବନେଶ୍ୱର:** ୩୭ ବର୍ଷ ଧରି ଭୁବନେଶ୍ୱରର ନୟାପଲ୍ଲୀ ମଣ୍ଡପରେ ପୂଜା ପାଇ ଆସୁଛନ୍ତି ମା' ଜଗତ ଜନନୀ। ପୀଠରେ କେଉଁ ଆବହମାନ କାଳରୁ ମାଙ୍କ ପୂଜା ବିଧି ହେଉଛି। ପ୍ରତି ବର୍ଷ ଭଳି ଚଳିତ ଥର ମଧ୍ୟ ମାଙ୍କୁ ଆବହନ କରାଯାଇଛି। ମା ମଣ୍ଡପରେ ବିଦ୍ୟମାନ। ହଜାର ହଜାର ଭକ୍ତଙ୍କ ଗହଳି ଲାଗି ରହିଛି। ଶାନ୍ତି ଶୃଙ୍ଖଳାର ଧାଡ଼ି ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା କହିଛନ୍ତି ନୟାପଲ୍ଲି ଦୁର୍ଗା ପୂଜା ସମିତିର ଉପଦେଷ୍ଟା ନବ କିଶୋର ବେହେରା। ପ୍ରତିବର୍ଷ ନୟାପଲ୍ଲୀ ଏହାର ଆକର୍ଷଣୀୟ ତୋରଣ ପାଇଁ ପ୍ରଶଂସା ସାଉଁଟି ଥାଏ। ଏଥର ମଧ୍ୟ ସ୍ୱତନ୍ତ୍ର ଭାବେ ତୋରଣ ସଜା ଯାଇଛି। ଏଥରର ଥିମ୍ ରହିଛି ଦକ୍ଷିଣ ଭାରତର କଥକଲି ନୃତ୍ୟ। ଦଶହରା ପର୍ଯ୍ୟନ୍ତ ମା ଙ୍କ ପୂଜା ପାଇଁ ଯଥା ବିଧି ରୀତି ନୀତି କରାଯିବ। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ଜାଗାରେ ସିସିଟିଭି ବ୍ୟବସ୍ଥା କରାଯାଇଛି।

# ୧୯୩ ପୂଜା ମଣ୍ଡପରେ ୬୧ ପ୍ଲାଟୁନ ଫୋର୍ସ ମୁତୟନ

**ଭୁବନେଶ୍ୱର,୩୦।୯ (ନି.ପ୍ର.)::** ଦୁର୍ଗାପୂଜା ପାଇଁ ରାଜଧାନୀରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୧୯୩ ଟି ପୂଜା ମଣ୍ଡପରେ ଲୋକଙ୍କ ସୁରକ୍ଷାକୁ ନିୟନ୍ତ୍ରଣ ପାଇଁ ୬୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଯାହା ଭିତରେ ୩ ପ୍ଲାଟୁନ ସେଂଟ୍ରାଲ ଆର୍ମଡ ଫୋର୍ସ ମଧ ରହିଛନ୍ତି ବୋଲି ପୋଲିସ୍ କମିଶନର ଏସ ଦେବଦତ ସିଂ ସୂଚନା ଦେଇଛନ୍ତି।



ସେ କହିଛନ୍ତି ୩ ଜଣ ଡିସିପି ରାଙ୍କ ଅଫିସର ସୁରକ୍ଷା ବ୍ୟବସ୍ଥା ମନିଟର କରିବେ। ୨୪ ଟି ପେଣ୍ଡାଲରେ ମା'ଙ୍କ ମୂର୍ତିରେ ସୁନା ଓ ରୂପା ଅଳଙ୍କାର ବ୍ୟବହାର ହେଉଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥା ବ୍ୟାପକ ହେବ । ଡ୍ରୋନ୍ ଦ୍ୱାରା ମଧ ସୁରକ୍ଷା ବ୍ୟବସ୍ଥା ଯାଂଚ ହେବ । ୪ ଟି ଡ୍ରୋନ୍ ର ବ୍ୟବସ୍ଥା ହୋଇଛି । ଏସବୁକୁ ସ୍ମାର୍ଟ ସିଟି କ୍ୟାମେରା ଦ୍ୱାରା ମନିଟର କରାଯିବ। କମିଶନରେଟ ପୋଲିସର ହର୍ ଟିମ ମହିଳାଙ୍କ ସୁରକ୍ଷା ଦିଗରେ ନିୟୋଜିତ ହୋଇଛନ୍ତି । ମୋବାଇଲ ପାଟ୍ରୋଲିଂ ବ୍ୟାପକ ହୋଇଛି। ଷ୍ଟ୍ରାଇକିଂ ଫୋର୍ସ , ସ୍ପେଶାଲ ଟାକ୍ଟିକାଲ ୟୁନିଟ, ବମ ଡିସ୍ପୋଜାଲ ସ୍କ୍ୱାଡ ମଧ ମୁତୟନ ହେବେ। ରାଜଧାନୀବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଯାଇ ଏଭଳି ବ୍ୟବସ୍ଥା ହୋଇଥିବା କହିଛନ୍ତି ପୋଲିସ କମିଶନର। ସେହିପରି ଟ୍ରାଫିକ ବ୍ୟବସ୍ଥା ସହରରେ ବର୍ତମାନ ଅସମ୍ଭାଳ ହୋଇପଡିଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଛକ ବଜାରରେ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ୧୫ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବା କହିଛନ୍ତି ପୋଲିସ କମିଶନର ।

# କଟକରେ ଝଲସୁଛି ୩୬ ଋନ୍ଦିମେଢ଼

**କଟକ,୩୦।୯:** ଶାରୀଦୀୟ ଦୁର୍ଗାପୂଜା ଅବସରରେ ଗତ ୨୨ ତାରିଖ ଠାରୁ ମା'ଙ୍କ ପୀଠରେ ନବରାତ୍ରୀ ଆରମ୍ଭ ହୋଇଯାଇଛି। ଷଷ୍ଠୀ ତିଥିରୁ ମଣ୍ଡପରେ ଜଗତଜନନୀ ମା'ଦୁର୍ଗା ପୂଜା ଆରମ୍ଭ ହୋଇଥିବା ବେଳେ ଏହା ଦଶହାର ପର୍ଯ୍ୟନ୍ତ ଜାରି ରହିବ। ଭକ୍ତମାନେ ମାଙ୍କ ଚରଣରେ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଦଶହରା ପାଇଁ ଐତିହାସିକ କଟକ ସହର ପୁଣି ଥରେ ଚଳଚଞ୍ଚଳ ହୋଇଉଠିଛି। ୫୨ ବଜାର ୫୩ ଗଳିରେ ଦଶହରାର ମାହୋଲ ଦେଖିବାକୁ ମିଳିଛି। ଚଳିତବର୍ଷ ୧୭୬ ମଣ୍ଡପରେ ମା' ଦୁର୍ଗା ପୂଜା ପାଉଛନ୍ତି। ଏଥିମଧ୍ୟରୁ ମା' ଦୁର୍ଗା ୩୬ଟି ଋନ୍ଦି ମେଢ଼ଯୁକ୍ତ ମଣ୍ଡପ ନିର୍ମାଣ ହୋଇଛି।

ଐତିହାସିକ କଟକରେ ସୁସଜ୍ଜିତ ମା' ଦୁର୍ଗାଙ୍କ ଋନ୍ଦିମେଢ଼ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ମା' ଙ୍କ ମେଢ ଏବଂ ପୁରୁଣା ପରମ୍ପରାକୁ ନେଇ ଚର୍ଚ୍ଚା ହୋଇଥାଏ। କେବଳ ସେତିକି ନୁହେଁ, କଟକ ଦଶହରାର ବିଶେଷତା ହେଉଛି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଓ ମେଢ଼। ଏଠାରେ ମା'ଙ୍କର ମେଢ଼କୁ ପ୍ରଥମେ ରଙ୍ଗୀନ କାଗଜ ଓ ସୋଲରୁ ପ୍ରସ୍ତୁତ କରାଯାଉଥିଲା। ପରେ ଏଥିରେ ଜରି ବ୍ୟବହାର କରାଗଲା, ଯାହା କି ମା'ଙ୍କ ମୂର୍ତ୍ତିକୁ ଆହୁରି ଆକର୍ଷଣୀୟ କରିଥିଲା। ପରବର୍ତ୍ତୀ ସମୟରେ ଜରିର ସ୍ଥାନ ନେଇଛି ରୁପା ଓ ସୁନା। ତାରକସୀ ଶିଳ୍ପୀମାନେ ମା'ଙ୍କ ମୁକୁଟ ସହ ଅଳଙ୍କାର ପ୍ରସ୍ତୁତ କରିବା ପରେ କଟକ ଦୁର୍ଗାପୂଜାକୁ ଆଉ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି। ଚୌଧୁରୀବଜାର, ଶେଖ୍ ବଜାର, ଅଲିଶା ବଜାର,



ବାଲୁବଜାର, ଋଉଳିଆଗଂଜ, ଋନ୍ଦିନୀ ଚୌକ, ଶଙ୍କରପୁର-ବାଦାମବାଡ଼ି (ମହାଦେବ), କାଜିବଜାର, ତୁଳସୀପୁର (ମହାଦେବ), ବୁଢ଼ିଠାକୁରାଣୀ, ଗଣେଶଘାଟ (ମହାଦେବ), ବାଖରାବଜାର (ଛିନ୍ନମସ୍ତା), ଫିରିଙ୍ଗବଜାର, ନୟାସଡ଼କ (ମହାଦେବ), କାଠଗଡ଼ାସାହି, ପୀଠାପୁର (କାଳୀୟଦଳନ), ଦରଘାବଜାର, ମାଛୁଆବଜାର, ମଙ୍ଗଳାବାଗ, ରାଣୀହାଟ, ଛତ୍ରବଜାର, ଖାନନଗର, ଶିଖରପୁର, ହରିପୁର-ଦୋଳମୁଣ୍ଡାଇ, ବିଡ଼ାନାସୀ କୁମ୍ଭାରସାହି, ଗଙ୍ଗାମନ୍ଦିର, କଲେଜଛକ, ଖଟବିନସାହି, କାଫଲାବଜାର, ମହମ୍ମଦିଆବଜାର, ନିମସାହି (ମହାଦେବ), ନିମଚୌଡ଼ି (ହରପାର୍ବତୀ), ତୁଳସୀପୁର ମଠସାହି, ରାମଗଡ଼-କନିକାଛକ, ଯୋବ୍ରା ଓ ଗୋପାଳଜୀଉ ମଠସାହିରେ ଋନ୍ଦିମେଢ଼ ନିର୍ମାଣ କରାଯାଇଛି। ତେଲେଙ୍ଗାବଜାର ଏବଂ ବୟାଳିଶମୌଜାରେ ମେଢ଼ ନିର୍ମାଣ କରାଯାଇଥିବା ବେଳେ ରାଉସପାଟଣାରେ ପୂର୍ବବର୍ଷ ଭଳି ଏଥର ମଧ କାଚମେଢରେ ମା' ବିରାଜିଛନ୍ତି।

ଓଡ଼ିଶା ଇତିହାସ କହେ, ଶ୍ରୀ ଚୈତନ୍ୟ ମହାପ୍ରଭୁ ଶୋଷଡ଼ ଶତାବ୍ଦୀର ପ୍ରଥମ ଦଶନ୍ଧୀରେ ପୁରୀ ଗସ୍ତରେ ଆସିଥିଲେ ଏବଂ ଏହି ସମୟରେ କଟକ ବାଲୁବଜାରରେ କିଛି ଦିନ ବିତାଇଥିଲେ। ସମ୍ଭବତଃ ଚୈତନ୍ୟ ଯେଉଁ ସମୟରେ କଟକରେ ଅବସ୍ଥାପିତ ଥିଲେ, ସେତେବେଳକୁ ଶରତ ଋତୁ ଥିଲା। ତେଣୁ ସେ ବାଲୁବଜାର (ବିନୋଦ-ବିହାରୀ)ରେ ମା'ଦୁର୍ଗାଙ୍କ ମୃଣ୍ମୟୀ ଘଟ ସ୍ଥାପନ କରି ପୂଜା ଆରମ୍ଭ କରିଥିଲେ। ଏଠାରୁ ଚୈତନ୍ୟ ମହାପ୍ରଭୁ ଗଲା ପରେ ପ୍ରତିବର୍ଷ ଶରତଋତୁରେ ମା'ଦୁର୍ଗାଙ୍କ ପୂଜା ହୋଇ ଆସୁଛି। ତେଣୁ ଏହି ମଣ୍ଡପକୁ କଟକର ସର୍ବପୁରାତନ ଦେବୀ ମଣ୍ଡପ ସହ ଏଠାକାର ଦୁର୍ଗାଙ୍କୁ ବଡ଼ ଭଉଣୀ ରୂପେ ମଧ ବିବେଚନା କରାଯାଏ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ